## ମହିଳାଙ୍କ ଆତ୍ମହତ୍ୟା

ଭଣ୍ଡାରିପୋଖରୀ,୩୦।୧୨
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ପାଟୁଳି ଗ୍ରାମ ରାଉତସାହିର ସୁକାନ୍ତି ରାଉତ(୩୩) ଘରୋଇ କଳିକୁ କେନ୍ଦ୍ରକରି ସୋମବାର ସକାଳେ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ମୃତ ସୁକାନ୍ତିଙ୍କ ସ୍ୱାମୀ ସୁରତରେ ରହୁଛନ୍ତି। ରବିବାର ସୁକାନ୍ତି ପରିବାର ଲୋକଙ୍କ ସହ ମନୋମାଳିନ୍ୟ ହୋଇଥିବା ସ୍ୱାମୀଙ୍କୁ ଜଣାଇଥିଲେ। ସକାଳେ ଘର ଓରାରେ ନିଜ ଶାଢ଼ୀରେ ଝୁଲି ପଡ଼ିଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୪) ରୁଜୁ ହୋଇଛି।

# ୫ କୋଟି ଅନୁଦାନ ସତ୍ତ୍ୱେ ରାସ୍ତା ନିର୍ମାଣ ହେଉନି

### ନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଲେ ଲୋକେ

ତିହିଡ଼ି, ୩୦।୧୨ (ସଞ୍ଜିତ ବଳ)

ରାସ୍ତା ଅବସ୍ଥା ଭଲ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ୫ କୋଟି ଅନୁଦାନ ମିଳିଥିବା ସତ୍ତ୍ୱେ ରାସ୍ତା ନିର୍ମାଣ କାର୍ଯ୍ୟ ହେଉନାହିଁ। ଫଳରେ ଗାଁ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେମାନେ ଅଭିଯୋଗ କରିବାକୁ ଜନଶୁଣାଣି ଶିବିରକୁ ଯାଇଥିବା ବେଳେ ସେଠାରେ ଯନ୍ତ୍ରୀଙ୍କୁ ଘେରି ଯାଇଥିଲେ। ସୋମବାର ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଗୁଡୁପାଳଠାରୁ କୁବେରା ପଞ୍ଚାୟତର ଢଳିପୋଲ ଯାଏ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ନିର୍ମାଣ ପାଇଁ ୫ କୋଟି ଟଙ୍କା ଅନୁଦାନ ମିଳିଥିଲେ ମଧ୍ୟ ଆରମ୍ଭ ହୋଇନାହିଁ। ଏନେଇ ଦହପାଣିଆ ଗ୍ରାମବାସୀ ଜନଶୁଣାଣି ଶିବିରରେ



ନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଛନ୍ତି ଦହପାଣିଆ ଗ୍ରାମବାସୀ।

ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ ହୋଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହେଉନାହିଁ। ଫଳରେ ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ଗ୍ରାମର ଅଧିବାସୀମାନେ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ଗର୍ଭବତୀଙ୍କୁ ଭାରରେ ବୋହି ଡାକ୍ତରଖାନାକୁ ନିଆଯାଉଥିବା ସେମାନେ ଦର୍ଶାଇଛନ୍ତି। ସେମାନେ ବିଭିନ୍ନ ସମୟରେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରି ସୁଫଳ ପାଇ ନ ଥିବାରୁ ଅସନ୍ତୋଷ କୁହୁଳି ଉଠିଥିଲା। ଗ୍ରାମର ଶ୍ରୀକାନ୍ତ ମଲ୍ଲିକ, ବୁଦ୍ଧିରାମ ମଲ୍ଲିକ, କଟିରାମ ମଲ୍ଲିକ, ଶାନ୍ତନୁ ମଲ୍ଲିକ, ଶରତ ମଲ୍ଲିକ, ଅଲେଖ ଚନ୍ଦ୍ର ମଲ୍ଲିକ, କବିତା ମଲ୍ଲିକ, ସନ୍ଧ୍ୟା ମଲ୍ଲିକ, ଶ୍ରୀମତୀ ମଲ୍ଲିକ, ସୁମତି ମଲ୍ଲିକ, ଶାନ୍ତିଲତା ମଲ୍ଲିକ, ପଦ୍ମିନୀ ନାୟକ, ମଲ୍ଲୀ ନାୟକ, ସବିତା ନାୟକ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଲୋକ ଜିଲାପାଳଙ୍କ ନିକଟରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଡିଓ ଜ୍ୟୋତିର୍ମୟ କର ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ କାନନ ପ୍ରଧାନଙ୍କୁ ଘେରିଯାଇ ପାଟିତୁଣ୍ଡ କରିଥିଲେ। ତୁରନ୍ତ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଶିବିରରେ ହଟ୍ଟଗୋଳ ହେବାରୁ ତିହିଡ଼ି ଥାନା ଏସ୍ଆଇ ଅରୁନ୍ଧତୀ ବେହେରାଙ୍କ ସମେତ ପୋଲିସ ଅଧିକାରୀ ଶୃଙ୍ଖଳା ରଖିବାକୁ ଉଦ୍ୟମ କରିଥିଲେ। ନିର୍ବାହୀ ଯନ୍ତ୍ରୀ ପ୍ରଧାନ ସ୍ଥିତି ଅନୁଧ୍ୟାନ କରିବା ପରେ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## 'ରୋଗୀସେବାରେ ଅଫୁରନ୍ତ ଆନନ୍ଦ ମିଳେ'



ମଠଡିହଠାରେ ଡା. ପ୍ରସନ୍ନ କୁମାର ପଣ୍ଡା ଜଣେ ରୋଗୀଙ୍କୁ ପରାମର୍ଶ ଦେଉଛନ୍ତି।

### ନିଆରା ଡାକ୍ତର ପ୍ରସନ୍ନ

ଧୁଷୁରୀ, ୩୦।୧୨ (ଦୀପ୍ତି ରଞ୍ଜନ ନାୟକ)

ପିଲାଦିନୁ ଡାକ୍ତର ହେବାର ସ୍ୱପ୍ନ ସାକାର ହୋଇଛି। ଦିଲ୍ଲୀରେ ଡାକ୍ତର ଭାବେ କାର୍ଯ୍ୟରତ ଥିବାବେଳେ ପ୍ରତିବର୍ଷ ନିଜ ଅଞ୍ଚଳକୁ ଆସି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି ଡା. ପ୍ରସନ୍ନ କୁମାର ପଣ୍ଡା(୪୦)। ତାଙ୍କ ଘର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ଗ୍ରାମରେ। ସେ ପ୍ରାୟ ୬ବର୍ଷ ହେଲା ଏଭଳି ମାଗଣାରେ ସ୍ଥାନୀୟ ଅଞ୍ଚଳରେ ରୋଗୀସେବା କରି ଆସୁଥିବା ବେଳେ ଏଥିରୁ ଅଫୁରନ୍ତ ଆନନ୍ଦ ମିଳେ ବୋଲି କହନ୍ତି।

ପ୍ରସନ୍ନ ଦିଲ୍ଲୀ ଏମ୍ସ ହସ୍ପିଟାଲରେ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ସେ ସୁନ୍ଦରପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ପଣ୍ଡାଙ୍କ ପୁଅ। ମଠଡିହ ଉଚ୍ଚ ବିଦ୍ୟାଳୟରେ ସେ ତାଙ୍କର ମାଟ୍ରିକ ପଢ଼ା ଶେଷ କରିଥିଲେ। ୮ ବର୍ଷ ହେଲା ବିଭିନ୍ନ ସରକାରୀ ଚିକିତ୍ସାଳୟରେ ଭେଷଜ ବିଶେଷଜ୍ଞ ଭାବେ କାର୍ଯ୍ୟ କରିଆସୁଛନ୍ତି। ପ୍ରତିବର୍ଷ ସେ ନିଜ ଅଞ୍ଚଳର ବିଭିନ୍ନ ସ୍ଥାନରେ ରୋଗୀମାନଙ୍କୁ ସେବା ଯୋଗାଇଥାନ୍ତି। ଚଳିତବର୍ଷ ମଠଡିହ, ସୁନ୍ଦରପୁର, ବେତାଳିଗାଁ, ଆରଡ଼ି ଆଦି ସ୍ଥାନରେ ଶତାଧିକ ରୋଗୀଙ୍କୁ ସେବା ଯୋଗାଇ ଦେଇଛନ୍ତି। ଏହାବ୍ୟତୀତ ସେ ନିଜ ଶିକ୍ଷାକ୍ଷେତ୍ର ସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟ, ଦଧିବାମନ ଜୀଉ ହାଇସ୍କୁଲ ଓ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସେବା ଯୋଗାଇ ଦେଇଥିଲେ। ନିଜ ଅଞ୍ଚଳରେ ଲୋକଙ୍କ ସେବା କରିବା ତାଙ୍କ ଜୀବନର ଅଭିଳାଷ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କର ଏଭଳି ସେବାକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

## ଓମ୍ ଏକାଡେମୀର ବାର୍ଷିକୋତ୍ସବ





ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭଦ୍ରକ, ୩୦।୧୨ (ରବିନାରାୟଣ ଖିଲାର)

ଶିକ୍ଷା ଜୀବନର ମାନଦଣ୍ଡ। ସଭ୍ୟତାର ମାପକାଠି। ଛାତ୍ରୀଛାତ୍ର କେବଳ ଶିକ୍ଷା ନୁହେଁ, ଶାନ୍ତିଶୃଙ୍ଖଳା, ଧୈର୍ଯ୍ୟ, ଅହିଂସା, ଦେଶପ୍ରେମ ଆଦି ଗୁଣକୁ ଗ୍ରହଣ କରି ଭଲ ମଣିଷ ହେବା, ଭଲ ପରିବାର ଗଢ଼ିବା ଓ ସୁନ୍ଦର ଦେଶ ଗଠନରେ ଭାଗୀଦାର ହେବା ଆବଶ୍ୟକ। ସୋମବାର ଭଦ୍ରକ ଟାଉନ ହଲ୍‌ଠାରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ଓମ୍ ଏକାଡେମୀ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ଓ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଏକାଡେମୀର ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ଭଟ୍ଟାଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଜେନା ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପରେଶ ଦାସ, ଦୁର୍ଗା ଚରଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏକାଡେମୀର ଅଧ୍ୟାପକ ଅନନ୍ତ କୁମାର ସାହୁ, ସୋମନାଥ ନାୟକ ଓ ଜଗନ୍ନାଥ ମହାପାତ୍ର ବିଦ୍ୟାଳୟର ସୁନାମ ରଖିବା, ମା' ବାପାଙ୍କ ଆଶାକୁ ସାକାର କରିବା ଏବଂ ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରିବା ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

## ୨୦ ସ୍ୱର୍ଣ୍ଣ ପଦକ ଜିତି ଭଦ୍ରକ ଚାମ୍ପିୟନ

### ରାଜ୍ୟ ଟାଏକୋଣ୍ଡୋ ପ୍ରତିଯୋଗିତା

ଭଦ୍ରକ,୩୦।୧୨ (ସନାତନ ରାଉତ)

ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା (ତାଓ) ପକ୍ଷରୁ ଭଦ୍ରକ ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନରେ ଚାଲିଥିବା ୨୧ତମ ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନସିପ୍ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଭଦ୍ରକ ସର୍ବାଧିକ ୨୦ ସ୍ୱର୍ଣ୍ଣ ପଦକ ଜିତି ଚାମ୍ପିୟନ ହୋଇଛି। ଢେଙ୍କାନାଳ ଟାଏକୋଣ୍ଡୋ ଆସୋସିଏଶନ ୧୪ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୧୪ ବ୍ରୋଞ୍ଜ ପଦକ ହାସଲ କରି ପ୍ରଥମ ରନର୍ସଅପ୍, ବାଲେଶ୍ୱର ଆସୋସିଏଶନ ୧୪ ସ୍ୱର୍ଣ୍ଣ, ୧୨ ରଜତ ଓ ୬ ବ୍ରୋଞ୍ଜ ପଦକ ହାସଲ କରି ଦ୍ୱିତୀୟ ରନର୍ସଅପ୍ ହୋଇଛି। ଶୃଙ୍ଖଳିତ ଦଳ ଭାବେ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଭୁବନେଶ୍ୱର ଓ କଟକକୁ ଘୋଷଣା କରାଯାଇଥିଲା।

ତାଓ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ବିଜୟ କୁମାର ଜେନାଙ୍କ



ଚାମ୍ପିୟନ ଟ୍ରଫି ସହ ଭଦ୍ରକ ଟିମ୍।

ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ନରେନ ପଲେଇ, ଭଦ୍ରକ କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ, ସମ୍ ହସ୍ପିଟାଲ ଗ୍ୟାଷ୍ଟ୍ରୋ-ଲିଭର ବିଭାଗର ଆସୋସିଏଟ ପ୍ରଫେସର ଡା. ଅନୁରାଗ ଜେନା, ଲାୟନ୍ସ କ୍ଲବ ଅଧ୍ୟକ୍ଷ ଅଶୋକ ମହାନ୍ତି ଓ ହାପିହୋମ୍ ସ୍କୁଲ ନିର୍ଦ୍ଦେଶିକା ପ୍ରଜ୍ଞା ପାରମିତା ପଲାଇ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ପବନ କୁମାର ଶର୍ମା, ବିଶିଷ୍ଟ ବ୍ୟବସାୟୀ ଗୌରାଙ୍ଗ ଚରଣ ସାମଲ, ଇଂ. ଉତ୍ପଳକାନ୍ତି ଦାସ, ଇଂ. ଅନୁପମ ଜେନା, ବିଦ୍ୟାର୍ଥୀ ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ ସୁନୀଲ କୁମାର ପାଢ଼ୀ, ଖବରଦାତା ଶଶିଭୂଷଣ ସ୍ୱାମୀ, ମହାରାଜା ଅଗ୍ରସେନ ଟ୍ରଷ୍ଟର ସମ୍ପାଦକ ରାଜକୁମାର ଖେରିଆ, ବରିଷ୍ଠ ସଦସ୍ୟ ମଦନଲାଲ ଅଗ୍ରୱାଲ, ସଜ୍ଜନ ଅଗ୍ରୱାଲ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଅଭିଯୋଗକାରୀଙ୍କୁ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୁର୍ବ୍ୟବହାର

ଚାନ୍ଦବାଲି,୩୦।୧୨ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ କାର୍ଯ୍ୟରତ ଅଧୀକ୍ଷଣ ଯନ୍ତ୍ରୀ ଜଣେ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରିବା ସହ ଧକ୍କା ମାରିଥିବା ନେଇ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି। ଖେରଙ୍ଗ ପଞ୍ଚାୟତର ଭାଜପା ଯୁବନେତା ପ୍ରଶାନ୍ତ ମାଝୀ ଏନେଇ ଏତଲାରେ ଦର୍ଶାଇଛନ୍ତି ଯେ, ପଞ୍ଚାୟତରେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ଓ ମିଥ୍ୟା ବିଲ୍ ହୋଇଥିବା ଅଭିଯୋଗ ନେଇ ସେ ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ। ଅଭିଯୋଗ କରିବା ସମୟରେ ଅଧୀକ୍ଷଣ ଯନ୍ତ୍ରୀ ସେସବୁ କାର୍ଯ୍ୟ ପୂର୍ବ ସରକାର ସମୟରେ ହୋଇଥିଲା ଓ ସେ କଥାରେ ମୁଣ୍ଡ ଖେଳାଇଲେ ମାଡ଼ ହେବ ବୋଲି ଧମକ ଦେଇଥିଲେ। ପ୍ରଶାନ୍ତଙ୍କ ସହ ନିଶିକାନ୍ତ ମାଝୀ, ବାମଦେବ ତରାଇ, ସୁକାନ୍ତ ବିଶ୍ୱାଳ, ତାପସ ମାଝୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ଅର୍ଜୁନ ମାଝୀ, ପ୍ରଦୀପ ମାଝୀ, ଲକ୍ଷ୍ମଣ ମାଝୀ, ଅନନ୍ତ ମାଝୀ, ଲାଲାଲଳିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ପ୍ରଶାନ୍ତ ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଜିଲାପାଳ ଦିଲୀପ ରାଉତରାଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଅପରପକ୍ଷେ ଅଧୀକ୍ଷଣ ଯନ୍ତ୍ରୀ ସ୍ମୃତିରଞ୍ଜନ ତରାଇ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ବିଡିଓ ଅସିତ୍ କୁମାର ମହାନ୍ତି କହିଛନ୍ତି, ସେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ଘଟଣା ସମ୍ପର୍କରେ ପରେ ସୂଚନା ପାଇଲେ। ତେବେ ତଦନ୍ତ ଚାଲିଛି। ଚାନ୍ଦବାଲି ଥାନାଧିକାରୀ ପଞ୍ଚାନନ ମହାନ୍ତି ଉଭୟ ପକ୍ଷରୁ ଏତଲା ହୋଇଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ନିଶା ନିବାରଣ ସଚେତନତା





ଭଦ୍ରକ ମହିଳା ମହାବିଦ୍ୟାଳୟ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଭଦ୍ରକ,୩୦।୧୨ (ସନାତନ ରାଉତ)

ତମାଖୁ ସେବନ ଦ୍ୱାରା ଭାରତରେ ପ୍ରତିଦିନ ୩୭୦୦ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ସୋମବାର ଭଦ୍ରକ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମରେ ଜିଲା ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ କହିଛନ୍ତି। ଅଧ୍ୟକ୍ଷ ପ୍ରାଧ୍ୟାପକ ନୀଳଗିରି ରବି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ସଂଗ୍ରାମ ମହାନ୍ତି, ଉପସଭାପତି ନାରାୟଣ ପାଢ଼ୀ, ମହିଳା ନେତ୍ରୀ ସଂଯୁକ୍ତା ଯାଦବ ମଦ, ଡ୍ରଗ୍ସ ଓ ତମାଖୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ଉପରେ ମତ ରଖିଥିଲେ। ରେଡ୍‌କ୍ରସର ଡ. ଶୁଭଶ୍ରୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରେଡ୍‌କ୍ରସ୍, ଏନ୍‌ସିସି ଓ ଏନ୍‌ଏସ୍‌ଏସ୍‌ର ମିଳିତ ସହଯୋଗରେ ଛାତ୍ରୀମାନଙ୍କ ଦ୍ୱାରା ସଚେତନଧର୍ମୀ ନାଟକ ପରିବେଷଣ ହୋଇଥିଲା। ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପ୍ରାଧ୍ୟାପିକା ସୌଦାମିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକଙ୍କୁ ସଚେତନ, ବେପାରୀଙ୍କୁ ତାଗିଦ୍

### ତୋରା ମଦ, ଗଞ୍ଜେଇ ବିକ୍ରିକୁ ମହିଳାଙ୍କ ବିରୋଧ

ବନ୍ତ,୩୦।୧୨ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ତରାଗୋ ଗ୍ରାମରେ ବେଆଇନ ଭାବେ ଦେଶୀ, ବିଦେଶୀ ମଦ ଓ ଗଞ୍ଜେଇ ବିକ୍ରିକୁ ବିରୋଧ କରି ଶତାଧିକ ମହିଳା ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଗାଁ ବୁଲି ଲୋକଙ୍କୁ ସଚେତନ କରିବା ସହ ଚୋରାରେ ମଦ, ଗଞ୍ଜେଇ ବିକ୍ରି କରୁଥିବା ବେପାରୀମାନଙ୍କୁ ତାଗିଦ୍ କରିଛନ୍ତି।

ଦୀର୍ଘଦିନ ଧରି ଏହି ଗ୍ରାମରେ ଦେଶୀ, ବିଦେଶୀ ମଦ ଓ ଗଞ୍ଜେଇ ଚୋରାରେ ବିକ୍ରି ହେବା ଫଳରେ ଯୁବପିଢ଼ି ନଷ୍ଟ ହେଉଛନ୍ତି। ଏପରିକି ପରିବାର ମଧ୍ୟରେ ମହିଳା ହିଂସା ବୃଦ୍ଧିପାଇବାରେ ଲାଗିଛି। ଏସବୁ ବନ୍ଦ କରିବା ପାଇଁ ଗ୍ରାମର ମହିଳାମାନେ ବାରମ୍ବାର ପ୍ରଶାସନଠାରେ ଦାବି କରିଆସୁଥିଲେ। ଶେଷରେ ଶତାଧିକ ମହିଳା ବ୍ୟାନର ଓ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ଗ୍ରାମ





ନିଶା କାରବାର ବନ୍ଦ ପାଇଁ ଶୋଭାଯାତ୍ରାରେ ମହିଳାମାନେ ସଚେତନ କରାଉଛନ୍ତି।

ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରାଇଥିଲେ। ଏଥିସହ ଚୋରାରେ ମଦ ଓ ଗଞ୍ଜେଇ ବିକ୍ରି କରୁଥିବା ବେପାରୀମାନଙ୍କୁ ଏହି ବେପାର ବନ୍ଦ କରିବା ପାଇଁ ତାଗିଦ୍ କରିଥିଲେ। ଆଗାମୀ ଦିନରେ ସବୁଦିନ ପାଇଁ ଗ୍ରାମରେ ନିଶା ଦ୍ରବ୍ୟ ବିକ୍ରି ବନ୍ଦ କରିବେ ବୋଲି ବେପାରୀମାନେ ପ୍ରତିଶ୍ରୁତି ଦେବାରୁ ମହିଳାମାନେ ଶାନ୍ତ ପଡ଼ିଥିଲେ।

## ୯୧ ଅଭିଯୋଗର ଶୁଣାଣି

ତିହିଡ଼ି,୩୦।୧୨ (ସଞ୍ଜିତ ବଳ)

ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ମୋଟ ୯୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା, ସ୍କୁଲ ଗୃହ ନିର୍ମାଣ, ଜବରଦଖଲ ଉଚ୍ଛେଦ ଆଦି ନେଇ ଅଭିଯୋଗ ହୋଇଥିଲା। ଏହି ଅବସରରେ ଅଚକ ପଞ୍ଚାୟତର ନାରାୟଣ ଦୀକ୍ଷିତଙ୍କୁ ଟ୍ରାଇସାଇକେଲ, କାଁପଡ଼ା ପଞ୍ଚାୟତର ଉତ୍ତମ ଦାସ ଓ ବୋଡ଼କ ପଞ୍ଚାୟତର ଗଙ୍ଗାଧର ବାରିକଙ୍କୁ ହୁଇଲଚେୟାର ବଣ୍ଟନ କରାଯାଇଥିଲା। ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ତନ୍ମୟ ରଞ୍ଜନ ଜେନା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଡିଓ ଜ୍ୟୋତିର୍ମୟ କର ପ୍ରମୁଖ ଅଭିଯୋଗର ଶୁଣାଣି କରିଥିଲେ। ଜିଲା ଓ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଏବିଡିଓ ମାନସ କୁମାର ଜେନା, ଜିପିଓ ପ୍ଲାବନ ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଆମ ବ୍ୟାଙ୍କରୁ ଚୋରି ଘଟଣା: ଧରାପଡ଼ିଲେ ଅଭିଯୁକ୍ତ

ଭଣ୍ଡାରିପୋଖରୀ,୩୦।୧୨ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ବୟାବନାପୁର ଆମ ବ୍ୟାଙ୍କରୁ ଗତ ଶନିବାର ରାତିରେ ଚୋରି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ଥାନାରେ ଅଟକ ଥିବାବେଳେ ଅନ୍ୟ ଅଭିଯୁକ୍ତ ଚନ୍ଦ୍ରଭାନୁପୁର ଗ୍ରାମର ଅନନ୍ତ ନାୟକ(୩୪)ଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଚୋରି ସାମଗ୍ରୀ ପୋଲିସ ଜବତ କରିଛି।

## ଜବରଦଖଲ ଉଚ୍ଛେଦ

ବନ୍ତ,୩୦।୧୨ (ହରିନାରାୟଣ ମହାନ୍ତି)

ବନ୍ତ ତହସିଲ କେନ୍ଦୁଆପଦା ବଜାରରେ ସୋମବାର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ବହୁ ଦୋକାନ ଗୃହ ରହିଛି। ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ରାଜସ୍ୱ ନିରୀକ୍ଷକ କୁନିଲତା ନାୟକ, ଏଆର୍ଆଇ ବିଶ୍ୱଜିତ୍ ପାତ୍ରଙ୍କ ସମେତ କେନ୍ଦୁଆପଦା ଫାଣ୍ଡି ଅଧିକାରୀ, ପୋଲିସ ଏବଂ ଜିଲା ରିଜର୍ଭ ପୋଲିସର କର୍ମଚାରୀ ଉପସ୍ଥିତ ଥିଲେ।

## ଆଗରପଡ଼ା ଯୁବ ମହୋତ୍ସବର ୫ମ ସନ୍ଧ୍ୟା

ଆଗରପଡ଼ା,୩୦।୧୨ (ସୁଶାନ୍ତ ଦାଶ)

ଆଗରପଡ଼ା ହେମପଦ୍ମା ଗାଲାକ୍ସି ପରିସରରେ ଚାଲିଥିବା ତୃତୀୟ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବର ରବିବାର ଥିଲା ୫ମ ସନ୍ଧ୍ୟା। ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ରାମରାଜ୍ୟର ସ୍ୱପ୍ନ ଯୁବଶକ୍ତିଙ୍କ ନିଃସ୍ୱାର୍ଥପର କର୍ତ୍ତବ୍ୟ ପରାୟଣତା ଦ୍ୱାରା ହିଁ ସାକାର ହୋଇପାରିବ ବୋଲି କହିଥିଲେ। କମିଟିର ସଭାପତି ଇଂ. ଅମିୟ ରାମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସନ୍ଧ୍ୟା ଉତ୍ସବରେ ମୁଖ୍ୟବକ୍ତା ଭାବେ ଭାଜପା ଯୁବନେତା ତପନ ସିଂହ ଯୋଗଦେଇ ବିଳାସ ନୁହେଁ ବିକାଶ, ଶୋଷଣ ନୁହେଁ ପୋଷଣ, ଚେଷ୍ଟା ନୁହେଁ ନିଷ୍ଠା ହିଁ ପ୍ରତିଟି ହୃଦୟରେ ପ୍ରତିଧ୍ୱନିତ ହେବା ନିତାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜଲିଉଡ୍ ନାୟକ ଗୌର ଦାସ, ନାରୀନେତ୍ରୀ କମଳା ପଣ୍ଡା, ଉପଦେଷ୍ଟା ଜୈନୁଲ ଆବେଦିନ, ଶିକ୍ଷାବିତ୍ ଚିନ୍ତାମଣୀ ପାଣିଗ୍ରାହୀ, ହରମୋହନ ପଣ୍ଡା, କମିଟିର କାର୍ଯ୍ୟକାରୀ ସଭାପତି ଗୟାଧର ପତି ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ବିଶିଷ୍ଟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପୁହାଣ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଜିତେନ୍ଦ୍ର ଶତପଥୀ ଧନ୍ୟବାଦ ଦେଇଥିଲେ। ଶେଷରେ ଓଡ଼ିଆ ସିନେମାର ହାସ୍ୟାଭିନେତା ବ୍ରଜ ସିଂହଙ୍କ କମେଡ଼ିର ମଜା ନେଇଥିଲେ ଦର୍ଶକ। ନିରୋଜ ଆଇଚ, କୋଷାଧ୍ୟକ୍ଷ ନୃସିଂହ ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ତପନ ପୃଷ୍ଟି, ଯୁଗ୍ମ ସମ୍ପାଦକ ବାବୁରାମ ବେହେରା, ଦିବ୍ୟ ଆକାଶ ପୁହାଣ, ହାପୀ ରାୟ, ଶୁଭମ ସିଂହ, ଚିତ୍ତରଞ୍ଜନ ଉଦ୍‌ଗାତା, ସମ୍ରାଟ ସିଂହ, ଅଶୋକ ପାଣିଗ୍ରାହୀ, ଶୁଭେନ୍ଦୁ ବେହେରା, ପ୍ରକାଶ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଭଦ୍ରକ, ୩୦।୧୨
(ରବିନାରାୟଣ ଖିଲାର)

ଭଦ୍ରକ ସହର ମୋଟେଲ ଛକସ୍ଥିତ ଦିଶା ବିଦ୍ୟାଳୟ ସମୂହର ଏକାଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ନିର୍ଦ୍ଦେଶକ ଶିକ୍ଷାବିତ୍ ଗୟାଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭଦ୍ରକ ରୋଟାରୀ କ୍ଲବର ଯୁବ ସଭାପତି ସନ୍ତୋଷ ନାୟକ ଉଦ୍‌ଘାଟକ ଓ ପୂର୍ବତନ ସଭାପତି ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଓ ଶାରୀରିକ ଶିକ୍ଷାର ଆବଶ୍ୟକତା ଉପରେ ଅତିଥି ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଉତ୍ସବରେ ରୋଟାରୀ କ୍ଲବର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ଲାଖାନୀ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ସମୂହର ଅଧ୍ୟକ୍ଷା ସଂଗୀତା ପତି ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଉପାଧ୍ୟକ୍ଷା ମମିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଆଇଚ, ସନ୍ତୋଷ ପୃଷ୍ଟି, ଦୀପକ ଜେନା, କନକ ବେହେରା, ଅଶୋକ ରାଉତ, କାଦମ୍ବିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆକର୍ଷଣୀୟ ହେବ ଡିଗି ପାର୍କ

ଧାମନଗର,୩୦।୧୨
(ଦେବେନ୍ଦ୍ର ଆଦ୍ଧିଆ)

ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତର ପଦ୍ମପୋଖରୀ ଗ୍ରାମଠାରେ ଥିବା ଡିଗି ପାର୍କ ଅଧିକ ଆକର୍ଷଣୀୟ ହେବ। ପାର୍କର କଳେବର ବୃଦ୍ଧି କରାଯିବା ସହ ଆନୁସଙ୍ଗିକ ସୁବିଧା ମଧ୍ୟ ରଖାଯିବ। ଏଥିପାଇଁ ରାଜ୍ୟ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ ସୋମବାର ଡିଗି ପାର୍କ ପରିଦର୍ଶନ କରିଛନ୍ତି। ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଡିଗି ପୋଖରୀର ପରିସୀମା ୮୦ ଏକର ରହିଥିବା ବେଳେ ସେଥିମଧ୍ୟରୁ ୧୦ ଏକରକୁ ବିକଶିତ କରାଯାଇ ପାର୍କ ନିର୍ମାଣ ହୋଇଛି। ଏଥିରୁ ପ୍ରାୟ ୬ ଏକର ଜମିରେ ଥିବା ପୋଖରୀରେ ବୋଟିଂ ସୁବିଧା, ୪ ଏକର ଜମିରେ ପାର୍କ, ଶିଶୁ ପାର୍କ, ଓପନ ଏୟାର ଜିମ୍, ରିଫ୍ରେଶମେଣ୍ଟ ସେଣ୍ଟର, ସେଲ୍‌ଫି ପଏଣ୍ଟ, ସୁଇମିଂପୁଲ୍ ଓ

### ପରିଦର୍ଶନ କଲେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ



ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସଙ୍କ ସହ ଅଧିକାରୀମାନେ।

ଗ୍ରାସ୍ ବେଡ୍ କରାଯାଇଛି। ଅବଶିଷ୍ଟ ୭୦ ଏକର ଜମିରେ ଚିଲିକା ହ୍ରଦ ଭଳି ନିର୍ମାଣ, ସେଲ୍‌ଫି ପଏଣ୍ଟ, ରିଫ୍ରେଶମେଣ୍ଟ ସେଣ୍ଟର କରାଯାଇ ବିକଶିତ କରିବାକୁ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଗ୍ରାମ୍ୟ ରାସ୍ତାଗୁଡ଼ିକୁ ପେଭର ରାସ୍ତା କରିବାକୁ କହିଥିଲେ। ବିକଶିତ ଓଡ଼ିଶା ବିକଶିତ ଗାଁ ଯୋଜନାରେ ଅନ୍ତର୍ଭୁକ୍ତ କରି ଏହାର ଉନ୍ନତୀକରଣ ପାଇଁ ସେ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଦାସଙ୍କ ସହ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ବିଡିଓ ବନ ବିହାରୀ ଦିଣ୍ଡା, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଏପିଓ ପୀୟୂଷ ରଞ୍ଜନ ରାଉତ, ସମିତିସଭ୍ୟ ସୁଦୀପ୍ତ ଖଟୁଆ, ନାଏବ ସରପଞ୍ଚ ଗୌରାଙ୍ଗ ଦାସ ଡିଗି ପୋଖରୀ ପରିଦର୍ଶନ କରିଥିଲେ।

## ଟ୍ରେଲର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ବାଙ୍କମାରୁଣୀ ନିକଟରେ ଏକ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ତେଲକୋଇ ବ୍ଲକ୍ ଅନ୍ତର୍ଗତ ରେକୁଟି ଗ୍ରାମର ବିତ୍ୟାନନ୍ଦ ଦେହୁରୀଙ୍କ ପୁଅ ମଙ୍ଗରାଜ ଦେହୁରୀ। ସେ ବାଇକ ଯୋଗେ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ଟ୍ରେଲର ଧକ୍କାଦେଇ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ପଳାସପଙ୍ଗା ବିଟ୍ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

**କେନ୍ଦୁଝର**

# ୬୪ ରୁ ୪୪ ପ୍ରଫେସର ପଦବୀ ଖାଲି

କେନ୍ଦୁଝର,୩୦।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଜାମ୍ବୁ ନାଳିଆଠାରେ ଥିବା ବିପିୟୁଟି ସହବନ୍ଧିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ସମସ୍ୟା ଘେରରେ ରହିଛି। ସ୍ଥାୟୀ କର୍ମଚାରୀଙ୍କ ସଙ୍କଟ ଦେଖାଦେଇଥିବା ବେଳେ ଅଧାରୁ ଅଧିକ ପଦବୀ ଖାଲି ପଡ଼ିଛି। ଫଳରେ ଶିକ୍ଷାଦାନାରେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ମହାବିଦ୍ୟାଳୟକୁ ଭଲ ରାସ୍ତା ନ ଥିବାରୁ ଯାତାୟାତରେ ସମସ୍ୟା ଉପୁଜୁଛି। କେନ୍ଦୁଝରରେ ଡିପ୍ଲୋମା ପାଠ୍ୟ କ୍ରମ ସହିତ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟକୁ ୩୦ ବର୍ଷ ପୂରିବାକୁ ଯାଉଛି। କାଳକ୍ରମେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି। ବିଦ୍ୟାଳୟରେ ବର୍ତ୍ତମାନ ୧୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନରତ ଥିବା ବେଳେ ପ୍ରତିବର୍ଷ ୪୦୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହେଉଛନ୍ତି। ବିଦ୍ୟାଳୟରେ ଅନେକ ସମସ୍ୟା ଯୋଗୁ ଛାତ୍ରୀଛାତ୍ରଙ୍କ ପସନ୍ଦଯୋଗ୍ୟ ହୋଇପାରୁନାହିଁ। ପ୍ରିନ୍ସିପାଲଙ୍କ ବ୍ୟତୀତ ପ୍ରଫେସର ଓ ସହଯୋଗୀ ପ୍ରଫେସରଙ୍କୁ ମିଶାଇ ମୋଟ ୬୪ଜଣ ରହିବା ସ୍ଥାନରେ ୨୦ଜଣ ଷ୍ଟାଫ୍ ସରକାରୀ ମଞ୍ଜୁରୀପ୍ରାପ୍ତ ପଦବୀରେ ଅଛନ୍ତି। ବାକି ୪୪ ପଦବୀ ଖାଲିପଡ଼ିଛି। ଅନୁରୂପ ୩୩ ଗୋଟି ଅଣଶିକ୍ଷକ ପଦବୀ ମଞ୍ଜୁର ହୋଇଥିବା ବେଳେ ୯ ଜଣ ସରକାରୀ ପଦବୀରେ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଖାଲି ପଦବୀଗୁଡ଼ିକରେ ଅସ୍ଥାୟୀ ରୂପେ ଆଉଟ୍‌ସୋର୍ସିଂ ମାଧ୍ୟମରେ କର୍ମଚାରୀଙ୍କୁ ନିଯୁକ୍ତ କରାଯାଉଛି। ସ୍ଥାୟୀ କର୍ମଚାରୀଙ୍କ ପରି ସେମାନଙ୍କ ଦାୟିତ୍ୱବୋଧ ରହୁନାହିଁ। ଫଳରେ ଶିକ୍ଷାଦାନର ମାନ ହ୍ରାସ ଘଟୁଛି। ଏମ୍‌ଟେକ୍ ଶିକ୍ଷାର ବ୍ୟବସ୍ଥା ନ ଥିବାରୁ ବହୁ ଛାତ୍ରୀଛାତ୍ର ସ୍ନାତକୋତ୍ତର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ରାଉରକେଲା ଅଧୀନରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ରାଉରକେଲାରେ ପ୍ରଶ୍ନ ତିଆରି ସହିତ ଖାତା ମଧ୍ୟ ଦେଖା ଯାଉଛି। ଫଳରେ ଡିଗ୍ରୀ କଲେଜର ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶାରୀରିକ ବିକାଶ ପାଇଁ ଖେଳପଡ଼ିଆ ନ ଥିବାରୁ




ଛାତ୍ରୀଛାତ୍ର ସଙ୍କରପୁର କିମ୍ବା ଓଏସ୍‌ଏମ୍‌ଇ ପଡ଼ିଆକୁ ଯାଇଥାନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପରୀକ୍ଷା ଏଠାରେ ଅନୁଷ୍ଠିତ ହେଉଥିଲେ ମଧ୍ୟ ଯାନ୍ତ୍ରିକ ମହାବିଦ୍ୟାଳୟ ସରକାରଙ୍କ ଦୃଷ୍ଟିଆଢ଼ୁଆଳରେ ରହି ଯାଇଛି। ସହରଠାରୁ କଲେଜ ପର୍ଯ୍ୟନ୍ତ ରାସ୍ତା ଖାଲଖମା ସାଙ୍ଗକୁ ଅନେକ ସ୍ଥାନରେ ମେଟାଲଗୁଡ଼ିକ ବାହାରି ପଡ଼ିଛି। ତାହାରି ମଧ୍ୟରେ ବ୍ରିଜ୍ ରହିଥିବାରୁ କଲେଜକୁ ବଡ଼ ଗାଡ଼ି ଯିବା ସମ୍ଭବ ନାହିଁ। ବିଦ୍ୟାଳୟ ପରିସରରେ ବିଲ୍ଡିଂ କାମ ମନ୍ଥର ଗତିରେ ହେଉଥିବାରୁ କଲେଜ ସୌନ୍ଦର୍ଯ୍ୟକରଣରେ ବାଧା ସୃଷ୍ଟି ହେଉଛି। ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ନ ଥିବାରୁ ଘରୋଇ କମ୍ପାନୀଗୁଡ଼ିକ କ୍ୟାମ୍ପସ୍ ଚୟନରେ ଭାଗ ନେବାକୁ ଆସୁନାହାନ୍ତି। ତୁରନ୍ତ ଷ୍ଟାଫ୍ ନିଯୁକ୍ତି, ଜିଲା ମୁଖ୍ୟାଳୟରୁ କଲେଜ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଏମ୍‌ଟେକ୍ ଶିକ୍ଷାର ବ୍ୟବସ୍ଥା

**ସମସ୍ୟା ଘେରରେ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ**

**ଏମ୍‌ଟେକ୍, ସ୍ୱୟଂ ଶାସିତ କଲେଜ ଘୋଷଣା ଦାବି**

ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ା ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ତଥା ଭାଜପା ସଦର ନିର୍ବାଚନ ମଣ୍ଡଳୀର ସଂଯୋଜକ ବିବେକାନନ୍ଦ ମହାନ୍ତ କହିଛନ୍ତି, ରାଜ୍ୟର ନୂଆ ସରକାରଙ୍କ ନିକଟରେ ବିଦ୍ୟାଳୟକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ଦାବି ରହିବ। ଏମ୍‌ପିଙ୍କ ପ୍ରତିନିଧି ସୁବ୍ରତ ମହାନ୍ତି କହିଛନ୍ତି, କଲେଜର ବିଭିନ୍ନ ସମସ୍ୟାକୁ ନେଇ ଏମ୍‌ପିଙ୍କୁ ଅବଗତ କରାଯାଇଛି। ଏହାର କିଭଳି ସମାଧାନ ହେବ ସେ ନେଇ ଏମ୍‌ପି ପଦକ୍ଷେପ ନେବେ।

## ଢେଙ୍କା ସମବାୟ ସମିତିରେ ଧାନମଣ୍ଡି ଆରମ୍ଭ

ବଉଳା/ଛେନାପଦୀ,୩୦।୧୨(ଦୁର୍ଗା ପ୍ରସାଦ ଆୟଚ/ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଢେଙ୍କା ସମବାୟ ସମିତିରେ ଧାନମଣ୍ଡି ଖୋଲିଛି। ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବିଭୂତି ସେଠୀ ପରିଚାଳନା କରିଥିବା ବେଳେ, ଏସ୍‌ଆରସିଏସ ନିତ୍ୟାନନ୍ଦ ଦେହୁରୀ, ସରପଞ୍ଚ ଶୁଭାସିନୀ ସେଠୀ, ନୃସିଂହ ଦେହୁରୀ, ରବିନ୍ଦ୍ର ନାୟକ, ଏମ୍‌ପି ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ଭାଜପା ନେତା ହରମୋହନ ଶାସିନୀ, ଯୁଧିଷ୍ଠିର ମଲ୍ଲିକ, ବିକ୍ରମ ବିଶ୍ୱାଳ, ଅଲେଖ ଦାସ, ବାବୁ ବେହେରା, ସୁଦର୍ଶନ ଜେନା, ପ୍ରଫୁଲ୍ଲ ମିଶ୍ର, ସୋମନାଥ ସ୍ୱାଇଁ, କାଳିଆ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସମିତିରେ ୫୩୦ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି। ୩ ଜଣ ଚାଷୀ ମଣ୍ଡିରେ ଧାନ ଦେଇ ଶୁଭାରମ୍ଭ କରିଥିବାବେଳେ ବହୁ ଚାଷୀ ଉପସ୍ଥିତ ରହିଥିଲେ।

## ହାତୀପଲ ଉଜାଡ଼ିଦେଲେ କୋବି ଫସଲ

ଚମ୍ପୁଆ, ୩୦।୧୨(ମହେଶ୍ୱର ଦାସ):

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ ଧମିବାରେ ନା ଧରୁନି। ଚାଷୀ ଭୟ ଓ ଆଶଙ୍କାରେ ଦିନ କାଟୁଥିବା ସହିତ ଚାଷ ଉଜୁଡ଼ିବାରେ ଲାଗିଛି। ଚମ୍ପୁଆ ସେକ୍ସନର ଜଡ଼ିପଦା ଗ୍ରାମରେ ରବିବାର ରାତିରେ ହାତୀପଲ ପଶି କୋବି ଫସଲକୁ ଖାଇବା ସହିତ ଦଳିଚକଟି କ୍ଷତି କରିଛନ୍ତି। ବର୍ଷସାରା ହାତୀ ଉପଦ୍ରବ ଲାଗି ରହିଥିବାରୁ ଚାଷୀ ଚାଷକୁ ନେଇ ସନ୍ଧୀହାନ ହୋଇପଡ଼ିଛି। ଜଡ଼ିପଦା ଗ୍ରାମର ଚାଷୀ ଶଙ୍କର୍ଷଣ ମହାନ୍ତ, ଗଙ୍ଗାରାମ ହାଇବୁରୁ, ଶିକନ୍ଦର ହାଇବୁରୁ ପ୍ରମୁଖଙ୍କ ଚାଷ ଉଜୁଡିଯାଇଛି। ସର୍ଭେ କରାଯିବା ପରେ ସହାୟତା



ପ୍ରଦାନ କରାଯିବ ବୋଲି ବନପାଳ ସୁନିତା ବାଘଲେ ସୂଚନା ଦେଇଛନ୍ତି।

## ୧୩ ଜଣଙ୍କୁ ବ୍ୟାଟେରିଚାଳିତ ସାଇକେଲ ପ୍ରଦାନ

ପାଟଣା,୩୦।୧୨(ବିର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ପରିସରରେ ସୋମବାର ଜିଲାପାଳ ବିଶାଲ ସିଂଙ୍କ ଏବଂ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଦାଗୁଡୁଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୨୦ଟି ଅଭିଯୋଗର ପଞ୍ଜିକରଣ




ହୋଇଥିଲା। ଅଭିଯୋଗ ମଧ୍ୟରେ ଅଧିକାଂଶ ରାସନ କାର୍ଡ, ଭତ୍ତା ଓ ଆବାସ ଗୃହ ସମ୍ବଳିତ ଥିଲା। ୧୩ ଜଣ ଦିବ୍ୟାଙ୍ଗଙ୍କୁ ଡିଏମ୍‌ଏଫ୍ ତରଫରୁ ମାଗଣା ବ୍ୟାଟେରିଚାଳିତ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଶିବିରରେ ଏସ୍‌ପି, ଅତିରିକ୍ତ ଜିଲାପାଳ ଆଲୋକ ରଞ୍ଜନ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଉପ ଜିଲାପାଳ ଉମାଶଙ୍କର ଦଲେଇ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସୌମ୍ୟ ସାର୍ଥକ ମିଶ୍ର, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋର ପୃଷ୍ଟି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସାହାରପଡ଼ା ବିଡିଓ ରଣଜିତ ମହାନ୍ତ, ସହକାରୀ ଯନ୍ତ୍ରୀ ତପଲ ପଲାଇ, ଯନ୍ତ୍ରୀ ଉତ୍କଳ କେଶରୀ ବେହେରା, ଲୋକନାଥ ନାଏକ, ନାରାୟଣ ବେହେରା ମାନସ ପାତ୍ରଙ୍କ ସମେତ ବ୍ଲକ୍‌ର ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

## ପାଚିକା, ସହାୟିକାଙ୍କ କର୍ମଶାଳା

ଢେଙ୍କିକୋଟ,୩୦।୧୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଅଧୀନରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ପାଚିକା ଓ ସହାୟିକାଙ୍କୁ ନେଇ ଦୁଇଦିନ ଧରି ମାଛଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ଏକ ପ୍ରଶିକ୍ଷଣ କର୍ମଶାଳା ଓ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପିଏମ୍ ପୋଷଣ ଯୋଜନା, ପାଚିକା ଓ ସହାୟିକା ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମ ସାହାରପଡ଼ା ବ୍ଲକ୍ ଶିକ୍ଷାଧିକାରୀ (ବିଇଓ)ପୂର୍ଣ୍ଣଚନ୍ଦ୍ର ଅମାନ, ମୁଖ୍ୟ ଅତିଥିଭାବେ ବିଆରସିସି ଦୟାନିଧି ପାତ୍ର, ଏମଡିଏମ ନୋଡାଲ ଅଫିସର ଭାରତୀରାମ ମାଛଗଡ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଫଲ ଦେହୁରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ପ୍ରଶିକ୍ଷକ ଭାବେ ସିଆରସିସି ସୁରେଶ ଚନ୍ଦ୍ର ନାଏକ, ବଳଭଦ୍ର




କର୍ମଶାଳାରେ ଯୋଗଦେଇଥିବା ପାଚିକା ଓ ସହାୟିକାମାନେ।

ମହାନ୍ତ, ବୀରେନ୍ଦ୍ର ସାହୁ, ଅଚ୍ୟୁତାନନ୍ଦ ସାହୁ, ରାଜ୍ୟ ତାଲିମପ୍ରାପ୍ତ ପାଚିକା ହେମଲତା ମହାନ୍ତ ଓ ଉର୍ମିଳା ନାଏକ ମିଳିତ ଭାବେ ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ବ୍ଲକ୍‌ର ମୋଟ ୩୦୯ ଜଣ ପାଚିକା ଓ ସହାୟିକା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରତିଯୋଗିତାରେ ଯେଉଁମାନଙ୍କ ଖାଦ୍ୟ ରୋଷେଇର ଗୁଣବତ୍ତା ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱାଦିଷ୍ଟ ପରୀକ୍ଷିତ କରି ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପାଚିକା ଓ ସହାୟିକାଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ଅତିଥିମାନେ ବିଆରସିସି ଦୟାନିଧି ପାତ୍ର ଓ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଭାରତୀ ରାମଙ୍କ ତତ୍ତ୍ୱାବଧାନରେ କର୍ମଶାଳା ପରିଚାଳିତ ହୋଇଥିଲା।

## ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

କେନ୍ଦୁଝର,୩୦।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲା ତୁରୁମୁଙ୍ଗା ବଜାରରେ ଥିବା ହିରୋ ଶୋରୁମ ମାଲିକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ କେନ୍ଦୁଝର ସଦର ବ୍ଲକ୍ ପଦ୍ମପୁର ଗ୍ରାମର ନରେନ୍ଦ୍ର ସାହୁ(୫୨)। ସେ ଗତକାଲି କାଇଁଝାରୀ ଡ୍ୟାମକୁ ପ୍ରିୟ ଜନଙ୍କ ସହିତ ଭୋଜି କରିବାକୁ ଆସିଥିଲେ। ସନ୍ଧ୍ୟାରେ ବାଇକ ଯୋଗେ ଫେରୁଥିବାବେଳେ ଦୁପଦା ଛକ ନିକଟରେ ଅଜଣା ଗାଡି ଧକ୍କା ଦେଇଥିଲା। ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର କଟକ ସ୍ଥାନାନ୍ତର କରିଥିଲେ। ଘଟଗାଁ ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଟାଉନ ପୋଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରଙ୍କୁ ହସ୍ତାନ୍ତର କରିଛି। ସ୍ୱର୍ଗତ ସାହୁ ଜଣେ ସାମାଜିକର୍ମୀ ଓ ସ୍ନେହୀ ମଣିଷଥିଲେ। ଘରେ ସ୍ତ୍ରୀ କବିତା ସାହୁ ଏକ ମାତ୍ର ଝିଅ ବର୍ଷାରାଣୀ ସାହୁ ଅଛନ୍ତି।

**ମୟୂରଭଞ୍ଜ**

## ଭାନୁମିତ୍ର ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ

ବାରିପଦା,୩୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାବେ ମନୋନୀତ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅଧିସୂଚନା ଏଫଇ-ପି ଆଣ୍ଡ ସି-ଏଫପି ଆଣ୍ଡ ସି-୦୧୦୪-୨୦୧୯ ପତ୍ର ସଂଖ୍ୟା ୨୬୧୩୦/ ଏଫଇ ଆଣ୍ଡ ସିସି ପକ୍ଷରୁ ଓଡିଶା ବନ ଉନ୍ନୟନ ନିଗମର ନିର୍ଦ୍ଦେଶକ ମଣ୍ଡଳୀରେ ସ୍ୱାଧୀନ ଭାବେ ୫ଜଣଙ୍କୁ ମନୋନୀତ କରାଯାଇଛି। ସେଥି ମଧ୍ୟରୁ ଭାନୁମିତ୍ରଙ୍କୁ ଚୟନ କରାଯାଇଥିବାରୁ ଜିଲାର ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ସମସ୍ତ ସ୍ୱାଧୀନ ନିର୍ଦ୍ଦେଶକମାନେ ୩ବର୍ଷ ଧରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କାର୍ଯ୍ୟଗୁଡିକ ସମ୍ପର୍କରେ ବିଚାର ବିମର୍ଷ କରି ସୁଚିନ୍ତିତ ମତାମତ ଦେଇପାରିବେ। ଏପରିକି ନୂତନ ଭାବେ ନିଆଯାଉଥିବା ବିଭିନ୍ନ କାର୍ଯ୍ୟ ଗୁଡିକର ଆଲୋଚନା କରାଯାଇ ନିର୍ଦ୍ଦେଶକଙ୍କ ସହମତିରେ କାର୍ଯ୍ୟାରମ୍ଭ କରାଯିବ ବୋଲି ଜଣାପଡିଛି। ଭାନୁମିତ୍ର ପୂର୍ବରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ଅନେକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରି ବେଶ ପ୍ରଶଂସିତ ହୋଇପାରିଛନ୍ତି। ଜଙ୍ଗଲର ବୃକ୍ଷ, ଜୀବଜନ୍ତୁ ତଥା ସହର ଓ ଗ୍ରାମାଞ୍ଚଳର ବୁଲା ପ୍ରାଣୀ ଓ ପକ୍ଷୀଙ୍କ ସୁରକ୍ଷା ପାଇଁ ଦୀର୍ଘ ଚାରି ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କୁ ମିଳିଥିବା ଗୁରୁଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବେ ବୋଲି ସେ ଧରିତ୍ରୀକୁ କହିଛନ୍ତି। ତେବେ ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଜୈବ ମଣ୍ଡଳ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଦିଗରେ ଭାନୁମିତ୍ରଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ପରିବେଶବିତ୍ ସଂଯୁକ୍ତା ବସା ପ୍ରକାଶ କରିଛନ୍ତି।



# ଏନ୍‌କ୍ଲୋଜରରେ ରହିବ ଜିନ୍ନତ

ବାରିପଦା,୩୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଛାଡ଼ି ପଳାଇଥିବା ମହାବଳ ବାଘୁଣୀ ଜିନ୍ନତ ଏବେ ପଶ୍ଚିମବଙ୍ଗର ଆଲିପୁର ଚିଡ଼ିଆଖାନାରେ ରହିଛି। ଟ୍ରାଙ୍କୁଲାଇଜ୍ ପରେ ତା'ର ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରାଯାଉଛି। ପ୍ରାଣୀ ବିଶେଷଜ୍ଞମାନଙ୍କ ପରାମର୍ଶ କ୍ରମେ ସେ ଶିମିଳିପାଳ ଅଭୟାରଣ୍ୟ ଅଭିମୁଖେ ଆସିବ ବୋଲି ଜଣାପଡ଼ିଛି। ଉଭୟ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସରକାରଙ୍କ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହେବା ଜିନ୍ନତ ଶିମିଳିପାଳ ଫେରିବ ବୋଲି ଓଡ଼ିଶା ବନ ଉନ୍ନୟନ ନିଗମର ନିର୍ଦ୍ଦେଶକ(ସ୍ୱାଧୀନ) ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ଶିମିଳିପାଳକୁ ଫେରିଲେ ଦକ୍ଷିଣ ଡିଭିଜନର କୋର(ଆଭ୍ୟନ୍ତରୀଣ) ଅଞ୍ଚଳରେ ପ୍ରସ୍ତୁତ ଏନ୍‌କ୍ଲୋଜରରେ ତାକୁ ଛଡ଼ାଯିବ ବୋଲି ପିସିସିଏଫ୍ ପ୍ରେମ କୁମାର ଝା କହିଛନ୍ତି।

ସୂଚନା ଅନୁଯାୟୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନରେ ଛଡ଼ାଯାଇଥିବା ମହାବଳ ବାଘୁଣୀ ଜିନ୍ନତ ପ୍ରଥମେ ଝାଡ଼ଖଣ୍ଡ ଓ ପରେ ପଶ୍ଚିମବଙ୍ଗର ବାଙ୍କୁରା ଜିଲାସ୍ଥିତ କନସାଇ ଜଙ୍ଗଲକୁ ପଳାଇଥିଲା। ତାକୁ କାବୁ କରିବା ପାଇଁ ୩ ରାଜ୍ୟ ବନ ବିଭାଗର ୧୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଅଧିକାରୀ ନିୟୋଜିତ ହୋଇଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ୩୦ କର୍ମଚାରୀଙ୍କ ସମେତ ସୁନ୍ଦରବନର ବାଘ ଧରାଳି ଟିମ୍‌ର ଆପ୍ରାଣ ଉଦ୍ୟମ ପରେ ଟ୍ରାଙ୍କୁଲାଇଜ୍ ଦ୍ୱାରା ଜିନ୍ନତକୁ କାବୁ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ର୍‍ୟାପିଡ୍ ରେସପନ୍ସ ଟିମ୍, ଟ୍ରାକର ଟିମ୍ ଓ ସୁନ୍ଦରବନ ଟିମ୍‌ର ମିଳିତ ଅପରେଶନ ଦ୍ୱାରା ତାକୁ ଧରିବା ସହଜ ହୋଇପାରିଥିଲା।

**ସୁସ୍ଥ ହେବା ପରେ ଫେରିବ ଶିମିଳିପାଳ**

ପଶ୍ଚିମବଙ୍ଗ ପୁରୁଲିଆ ଜିଲାର ବାନ୍ଦୱାନସ୍ଥିତ ରାଇକିଆ ଜଙ୍ଗଲ ଛାଡ଼ି ଜିନ୍ନତ ବାଙ୍କୁରା ଜିଲା କନସାଇ ଜଙ୍ଗଲରେ ପହଞ୍ଚିଥିଲା। ଉକ୍ତ ଜଙ୍ଗଲଟି ଘଞ୍ଚ ନ ଥିବା ଓ ପରିସୀମା ଅଳ୍ପ ଥିବାରୁ କର୍ମଚାରୀମାନେ ଚାରି ଦିଗକୁ ଘେରି ଯାଇଥିଲେ। ନିକଟରେ ଥିବା ଗାଁଗୁଡ଼ିକରେ ପ୍ଲାଷ୍ଟିକ ଜାଲ ବାନ୍ଧିବା ସହ ବିଭିନ୍ନ ସ୍ଥାନରେ କର୍ମଚାରୀମାନେ ନିଆଁ ଜାଳି ନିଶ୍ଚେତକ ଟିମ୍ ସହ ଜଗି ରହି ବାଘୁଣୀକୁ ଖୋଜିବାକୁ ଲାଗିଥିଲେ। ବାୟୋଲୋଜିଷ୍ଟ(ଜୀବ ବିଜ୍ଞାନୀ), ପ୍ରାଣୀ ବିଶେଷଜ୍ଞ ଦଳ ଓ ନିଶ୍ଚେତକ ଏକ୍ସପର୍ଟମାନେ ବାଘୁଣୀର ସ୍ଥିତି ଅନୁଧ୍ୟାନ କରି ଟ୍ରାଙ୍କୁଲାଇଜ୍ କରିଥିଲେ। ଦୁଇ ଥର ଉଦ୍ୟମ ଫେଲ ମାରିବା ପରେ ତୃତୀୟ ଥର ବାଘୁଣୀ



ଦେହରେ ଟ୍ରାଙ୍କୁଲାଇଜ୍ ଇଞ୍ଜେକ୍ସନ ଲାଗିଥିଲା। ତେବେ ବାଘୁଣୀ ଦେହରେ ନିଶ୍ଚେତକ ପୂର୍ଣ୍ଣମାତ୍ରାରେ କାର୍ଯ୍ୟ ନ କରିବାରୁ ଏପଟ ସେପଟ ହେବାରେ ଲାଗିଥିଲା। ପରେ ପୁଣି ଅଳ୍ପମାତ୍ରାରେ ଟ୍ରାଙ୍କୁଲାଇଜ୍ ଇଞ୍ଜେକ୍ସନ ଦିଆଯିବାରୁ ବାଘୁଣୀଟି ନିସ୍ତେଜ ହୋଇପଡ଼ିଥିଲା। କର୍ମଚାରୀମାନେ ବାଘୁଣୀକୁ ଏକ ଷ୍ଟ୍ରେଚରରେ ବୋହି ଆଣି ଯନ୍ତାରେ ରଖୁଥିବା ସମୟରେ ତା'ର ଚେତା ଫେରିଥିଲା। ଏପରିକି ଆଉ କିଛି କ୍ଷଣ ବିଳମ୍ବ ହୋଇଥିଲେ ସେ ଉତ୍ପାତ ଆରମ୍ଭ ହୋଇ କ୍ଷତି ପହଞ୍ଚାଇ ଥାନ୍ତା ବୋଲି ସୋସିଆଲ ମିଡିଆରେ ବୁଲୁଥିବା ଭିଡିଓରୁ ଅନୁମାନ କରାଯାଇଛି। ତେବେ ଜିନ୍ନତର ଚେତା ଫେରିବା ଦେଖି ଯନ୍ତାର ଉଭୟ ପାର୍ଶ୍ୱ ଗେଟକୁ ସଙ୍ଗେ ସଙ୍ଗେ ବନ୍ଦ କରାଯାଇଥିଲା। ପରେ ଯନ୍ତା ମଧ୍ୟରେ ସେ ଗର୍ଜନ କରିବା ସହ ଉତ୍ପାତ ଆରମ୍ଭ କରିଥିଲା। ସେଠାରୁ ତାକୁ ନିଆଯାଇ ଆଲିପୁର ଚିଡିଆଖାନାରେ ରଖାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଜିନ୍ନତ ପାଣି ପିଇବା ସହ ଅଳ୍ପ ଖାଦ୍ୟ ଭକ୍ଷଣ କରିଥିବା ଜଣାପଡ଼ିଛି। ତେବେ ୨୨ଦିନ ଧରି ବିଭିନ୍ନ ଜଙ୍ଗଲରେ ବୁଲୁଥିବା ଜିନ୍ନତ କୌଣସି ଲୋକଙ୍କ କ୍ଷୟକ୍ଷତି କରି ନ ଥିବାରୁ ଶିମିଳିପାଳ ଅଭୟାରଣ୍ୟରେ ବାସସ୍ଥାନ ନିର୍ଦ୍ଧାରଣ କରିବା ନିଶ୍ଚିତ ବୋଲି ବନ ବିଭାଗ ଆଶା ରଖିଥିବା ସୂଚନା ଦେଇଛି।

# ଆରିୟନ ଫାଇଟର ଚାମ୍ପିୟନ

ବେତନଟୀ, ୩୦।୧୨(ଧରଣୀଧର ମହାନ୍ତି)

ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ-୧୧ ସୋମବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚକୁ ବେତନଟୀ ଥାନା ଅଧିକାରିଣୀ ସସ୍ମିତା ମହାନ୍ତ ଉଦ୍‌ଘାଟନ କରିଥିବା ବେଳେ ବାହାନଡା ଟାଇଗରକୁ ହରାଇ ଆରିୟନ ଫାଇଟର ଚାମ୍ପିୟନ ହୋଇଛି। ବାହାନଡ଼ା ଟାଇଗର ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୮ ୱିକେଟ ହରାଇ ୨୦୧ ରନ ସଂଗ୍ରହ କରିଥିଲା। ଜବାବରେ ବାହାନଡା ଟାଇଗର ୨୧ ଓଭରରେ ୭ ୱିକେଟ ହରାଇ ୧୫୨ ରନ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବେତନଟୀ କ୍ରିକେଟ କ୍ଲବ ସଭାପତି ଶଶିକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନୀତ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ୩୫ନଂ. ଜୋନ ମଣ୍ଡଳ ସମ୍ପାଦକ ଜୀବନ ପରିଡ଼ା, କ୍ଲବ ସମ୍ପାଦକ ଦିଲ୍ଲୀପ ରାଉତ ପ୍ରମୁଖ ମଞ୍ଚାମାନ ଥିଲେ। ସଠିଲୋ ସମିତି ସଭ୍ୟ କିଶୋର ନାୟକ ମଞ୍ଚ ପରିଚାଳନା କରିଥିଲେ। ଆରିୟନ ଫାଇଟରର ଖେଳାଳି ଦୀପକ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସର୍ବଶ୍ରେଷ୍ଠ ଖେଳାଳି ଭାବେ ହରିହର ମାହାନାଙ୍କୁ




ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

**ବେତନଟୀ ପ୍ରିମିୟର ଲିଗ୍**

ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ଆରିୟନ ଫାଇଟରକୁ ୧ ଲକ୍ଷ ଟଙ୍କା ଓ ରନରଅପ ବାହାନଡା ଟାଇଗରକୁ ୭୦ ହଜାର ସହ ଟ୍ରଫି ଓ ତୃତୀୟ ଦଳ ଭାବରେ ମା' ଦୁର୍ଗା ଫାଇଟରକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଖେଳକୁ କେ ଇନ୍ଦ୍ରଜିତ ପ୍ରସାଦ ଓ ଦେବାଶିଷ ଗୁପ୍ତା ପରିଚାଳନା କରିଥିଲେ। କ୍ଲବର ସୁମନ ପାଲ , ଛତିଶ ସାହୁ, ଶକ୍ତିଧର ଦାସ, ପ୍ରକାଶ ଜ୍ୟୋତି ଆଦିତ୍ୟ , ସୁଧାଳର ପଣ୍ଡା, ମନୋଜ କୁମାର ପଣ୍ଡା, ପ୍ରଶାନ୍ତ ନାଥ, ସୁଧାକର ପଣ୍ଡା, ସାଗର ସାହୁ, ଅବିନାଶ ନାୟକ, ସର୍ବେଶ୍ୱର ଦାସ, ନରୋତ୍ତମ ମହାନ୍ତି, ଚନ୍ଦ୍ର ଶେଖର ବେରା, କୁମାର ନାଥ, ସୌମ୍ୟ ବାରିକ, ପିଙ୍କୁ ପରିଡା, ରିଙ୍କୁ ସାହୁ, ସାଗର ସାହୁ, ହୃଷିକେଶ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାତ୍ରାବାସ ରୋଷେୟାଙ୍କୁ ଆକ୍ରମଣ

**୧୬ ଜଣଙ୍କ ନାଁରେ ମାମଲା**

ମୋରଡ଼ା,୩୦।୧୨(ସ୍ମାରକ ମାଜୀ)

ବିଦ୍ୟାଳୟ ଛାତ୍ରାବାସରେ ଏକ ଗଣ୍ଡଗୋଳକୁ ନେଇ ମୟୂରଭଞ୍ଜ ଜିଲା ମୋରଡ଼ା ଥାନାରେ ୧୬ ଜଣଙ୍କ ନାଁରେ ମାମଲା(ନଂ.୪୨୮/୨୪)ରୁଜୁହୋଇଛି। ଅଭିଯୋଗ ଅନୁଯାୟୀ, ମୋରଡ଼ା ଥାନା ଅଧୀନ ମାକୁନ୍ଦ ପ୍ରାଥମିକ ବିଦ୍ୟାଳୟର ଛାତ୍ରାବାସରେ ରୋଷେୟା ଭାବେ ବଡ଼ସାହି ଥାନା ଅଧୀନ ବଡ଼ଗମ୍ଭାରିଆ ଗ୍ରାମର ଦାମୋଦର ବେଶ୍ରା କାର୍ଯ୍ୟ କରୁଛନ୍ତି। ଗତ ୨୧ ତାରିଖରୁ ବିଦ୍ୟାଳୟ ଛୁଟି ହୋଇଥିବା ବେଳେ ପ୍ରଧାନ ଶିକ୍ଷକ ଛାତ୍ରାବାସରେ ତାଲା ପକାଇ ବିଦ୍ୟାଳୟ ଖୋଲିବା ପର୍ଯ୍ୟନ୍ତ ଉକ୍ତ ବିଦ୍ୟାଳୟ ଦାୟିତ୍ୱ ଦାମୋଦରଙ୍କୁ ଦେଇଥିଲେ। ତେବେ ଗତ ୨୭ ତାରିଖ ରାତିରୁ ମାକୁନ୍ଦ ଗ୍ରାମରେ ଅପେରା ପରିବେଷଣ ହେବାକୁ ଥିଲା। ଗାଁ ଯାତ୍ରା କମିଟି ସଦସ୍ୟମାନେ ଦାମୋଦରଙ୍କୁ ନ ଜଣାଇ ପ୍ରଧାନ ଶିକ୍ଷକଙ୍କଠାରୁ ଚାବି ଆଣି ଜୋର ଜବରଦସ୍ତ ଛାତ୍ରାବାସର ରୁମ୍ ଖୋଲି ଯାତ୍ରା କଳାକାର ଏବଂ ସେମାନଙ୍କ ଆସବାବପତ୍ର ରଖିଥିଲେ। ଦାମୋଦର ଏହାର ପ୍ରତିବାଦ କରିବାରୁ ଯାତ୍ରା କମିଟି ସଦସ୍ୟମାନେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜାତିଆଣ ଆକ୍ଷେପ କରି ଧମକଚମକ ଦେଇଥିଲେ। ୨୮ ତାରିଖ ରାତି ୧୦ଟା ସମୟରେ ଯାତ୍ରା ପାର୍ଟିର କଳାକାରଙ୍କ କିଛି ଆସବାବପତ୍ର ହଜି ଯାଇଥିଲା। ଏହାକୁ ନେଇ ଦାମୋଦରଙ୍କୁ ମାକୁନ୍ଦ ଗ୍ରାମ ଯାତ୍ରା କମିଟି ସଦସ୍ୟ ଯୋଗେଶ୍ୱର ମହାନ୍ତ, ପିଣ୍ଟୁ ମହାନ୍ତ, ଲିଟୁ ମହାନ୍ତ, ଡିର ମହାନ୍ତ, ରାଙ୍ଗା ମହାନ୍ତ,ଡାକା ମହାନ୍ତ, ଛୁଟୁ ମହାନ୍ତ, ଟିକି ମହାନ୍ତ, ଛୁଟୁ ମହାନ୍ତ, ସନ୍ତୋଷ ମହାନ୍ତ, ଛୁଟୁ, ସନିୟା ମହାନ୍ତ, ମିଟୁ ମହାନ୍ତ, କାଲା ମହାନ୍ତ ଏବଂ ଛୁଟୁନ ମହାନ୍ତଙ୍କ ସ୍ୱାମୀ ଦାମୋଦରଙ୍କୁ ଚୋର କହିବା ସହିତ ଗାଳିଗୁଲଜ କରି ବିଧା, ଗୋଇଠା ଏବଂ ଚପଲରେ ମାରିଥିଲେ। ଏହା ଦେଖି ଦାମୋଦରଙ୍କ ସ୍ତ୍ରୀ ଉକ୍ତ ଯୁବକମାନଙ୍କୁ ବାରଣ କରିବାରୁ ତାଙ୍କୁ ମଧ୍ୟ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଦାମୋଦରଙ୍କ ସ୍ତ୍ରୀ ମୋବାଇଲରେ ଏହି ଘଟଣାର ଭିଡିଓ ରେକର୍ଡିଂ କରିବାରୁ ସେମାନେ ତାଙ୍କ ନିକଟରୁ ମୋବାଇଲ ଛଡ଼ାଇ ନେଇ ଭିଡିଓ ଡିଲିଟ କରିଦେଇଥିଲେ। ଘଟଣା ବାବଦରେ ଦାମୋଦର ପ୍ରଧାନ ଶିକ୍ଷକଙ୍କୁ ଜଣାଇବାରୁ ପ୍ରଧାନ ଶିକ୍ଷକ ମଧ୍ୟ ଗ୍ରାମବାସୀ ଯାହା କହୁଛନ୍ତି ତାଙ୍କ କଥାରେ ମାନିଯାଅ ବୋଲି କହିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ଭିତ୍ତି କରି ବେତନଟୀ ଏସ୍‌ଡିପିଓ ମମତା ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

ସୋର, ୩୦।୧୨(ଜନ୍ମେଜୟ ମିଶ୍ର): ସୋର ଥାନା ଅଧୀନ ସବିରା ଷ୍ଟେଶନ ନିକଟସ୍ଥ ଗଳାପୋଲଠାରେ ଟ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରାଧିକାନଗର ଗ୍ରାମର ଅକ୍ଷୟ ବେହେରା(୬୫)। ତାଙ୍କୁ ସୋମବାର ସକାଳେ ବାଙ୍ଗିରିପୋଷି ଏକ୍ସପ୍ରେସ ଟ୍ରେନ ଧକ୍କା ଦେଇଥିଲା। ଘଟଣା ସ୍ଥଳକୁ ବାଲେଶ୍ୱର ରେଳବାଇ ପୋଲିସ ପହଞ୍ଚି ଶବ ଜବତ କରିଛି।

### ଅଟୋ ଓଲଟି ୬ ଛାତ୍ରୀଛାତ୍ର ଆହତ

ଖଇରା, ୩୦।୧୨(ଉତ୍କଳବନ୍ଧୁ ପଣ୍ଡା)– ଅଟୋରେ ଟ୍ୟୁଶନ ଯାଉଥିବା ବେଳେ ସୋର–କୁପାରୀ ରାସ୍ତାର କୋଚିଆକୋଇଲି ଛକ ନିକଟରେ ଭାରସାମ୍ୟ ହରାଇ ଅଟୋଟି ଓଲଟିପଡିବା କାରଣରୁ ଓଡିଶା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ୬ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଚିକିତ୍ସା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଉକ୍ତ ଛାତ୍ରୀଛାତ୍ରମାନଙ୍କ ଘର ଖଇରା ବ୍ଲକର କୁରଣ୍ଟା ଓ କଳିହା ଗ୍ରାମରେ ବୋଲି ଜଣାଯାଇଛି ।

### ବେଆଇନ କାଠ ବୋଝେଇ ରିକ୍ସା ଅଟକ ଜବତ କଲା ବନବିଭାଗ

କାଳିପଦା, ୩୦।୧୨(ରାଜଶ୍ରୀ ପାଣିଗ୍ରାହୀ)– ବାଲିଆପାଳ ଥାନା ଅଧୀନ ଚୌମୁଖ ସମୁଦ୍ର କୂଳରୁ ବେଆଇନ ଭାବେ ଝାଉଁବଣରୁ ଗଛ କାଟି ରିକ୍ସାରେ ବୋହି ନେଉଥିବା ବେଳେ ସୋମବାର ଚଉମୁଖ ଢାବା ଛକ ନିକଟରେ ସ୍ଥାନୀୟ ଲୋକେ ରିକ୍ସାକୁ ଅଟକ ରଖି ବନବିଭାଗକୁ ଖବର ଦେଇଥିଲେ। ଲଙ୍ଗଳେଶ୍ୱର ବନବିଭାଗର ଫରେଷ୍ଟର ମନୋଜ ଧଡ଼ା, ଫରେଷ୍ଟ ଗାର୍ଡ଼ ହୃଷିକେଶ ପ୍ରଧାନ, ସାଗରିକା ସିଂ ଏବଂ କିଛି କର୍ମଚାରୀ ପହଞ୍ଚି ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଝାଉଁ କାଠ ସହିତ ବୋଝେଇ ରିକ୍ସାକୁ ଲଙ୍ଗଳେଶ୍ୱର ଫରେଷ୍ଟ ବିଟ୍‌କୁ ନେଇଥିଲେ। ବନବିଭାଗ କର୍ମଚାରୀ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବାରୁ ଚୋରାଚାଲାଣକାରୀମାନେ ଏହାର ସୁଯୋଗ ନେଉଛନ୍ତି ବୋଲି ଗ୍ରାମବାସୀ ନରେନ୍ଦ୍ର ପ୍ରଧାନ, ଜନ୍ମେଞ୍ଜୟ ପାତ୍ର, ଗୋପାଳ ରଣଜିତ, ଦୁର୍ଯ୍ୟୋଧନ ପାତ୍ର, ଗୋବିନ୍ଦ ଦାସ, ଖୁଦିରାମ ଦାସ ଓ ମଦନ ଖଣ୍ଡା ପ୍ରମୁଖ କହିଛନ୍ତି।

# ‘୪ ଇ’ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

■ରାତିରେ ଚାଳକଙ୍କୁ ମିଳିବ ମାଗଣା ଚା’
■ସଡ଼କ ସୁରକ୍ଷା ସପ୍ତାହ-୨୦୨୫ ପାଇଁ ପ୍ରସ୍ତୁତି

ବାଲେଶ୍ୱର, ୩୦।୧୨(ବାଞ୍ଛାନିଧି ଦେ)


ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଏସ୍‌ପିଙ୍କ ସହ ଅନ୍ୟମାନେ।

ବାଲେଶ୍ୱର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସଡ଼କ ସୁରକ୍ଷା କମିଟି ଆନୁକୂଲ୍ୟରେ ଆସନ୍ତା ଜାନୁଆରୀ ୧ରୁ ୭ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ‘ସଡ଼କ ସୁରକ୍ଷା ସପ୍ତାହ–୨୦୨୫’ ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ବୈଠକରେ ଅଧ୍ୟକ୍ଷତା କରି ୪ଇ (ଇଞ୍ଜିନିୟରିଂ, ପ୍ରବର୍ତ୍ତନ, ଶିକ୍ଷା, ଜରୁରୀକାଳୀନ ଯତ୍ନ)ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ରାଜପଥ ବିଭାଗ, ବିଶେଷ କରି ଜାତୀୟ ରାଜପଥ ୧୬ କର୍ତ୍ତୃପକ୍ଷ ରାସ୍ତାରେ ଥିବା ଖାଲଖମା ପୂରଣ ସହ ଅନ୍ୟ ସମସ୍ୟା ତୁରନ୍ତ ସୁଧାରି ନେବାକୁ ଜିଲାପାଳ ତାଗିଦ୍ କରିଥିଲେ। ଟ୍ରାଫିକ ନିୟମ କଡ଼ାକଡ଼ି ପାଳନ କରିବାକୁ ମୋଟର ଯାନ ସଂଘମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜପଥ ଉପରୁ ଅଯଥା ହମ୍ପସ ଅପସାରଣ, ନିୟମ ଅନୁଯାୟୀ ହମ୍ପସର ରଙ୍ଗ କରିବା, ଟୋଲ୍‌ଗେଟ୍ ନିକଟରେ ଆମ୍ବୁଲାନ୍ସ ଏବଂ କ୍ରେନ୍ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଟ୍ରାଫିକ ନିୟମ ଭଙ୍ଗକାରୀଙ୍କ ଉପରେ ଯାଞ୍ଚ ଓ ଜରିମାନା ଜୋରଦାର କରାଯିବ। ଏସ୍‌ପି ରାଜପ୍ରସାଦ ଓ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରା ଯୋଗଦେଇ ଏହି ସଡ଼କ ସୁରକ୍ଷା ସପ୍ତାହକୁ ଶୂନ୍ୟ ମୃତ୍ୟୁ ଭାବେ ସଫଳ ରୂପାୟନ ଦେବା ନିମନ୍ତେ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଏହି ସପ୍ତାହ ପାଳନ କାର୍ଯ୍ୟକ୍ରମ ଅଧୀନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ବିଷୟରେ ଚିତ୍ରକଳା ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ, ଫିଲ୍ମ ପ୍ରଦର୍ଶନ, ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାଳୟ କାନ୍ଥରେ ସଡ଼କ ସୁରକ୍ଷା ବାର୍ତ୍ତା ସମ୍ବଳିତ ପୋଷ୍ଟର ଆଦି ଲଗାଇବା, ପିକନିକ୍ ସ୍ପଟ୍ ରାସ୍ତାର ପ୍ରବେଶ ଓ ପ୍ରସ୍ଥାନ ପଥରେ ଅଧିକ ପୋଲିସ ମୁତୟନ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପେଟ୍ରୋଲ ପମ୍ପ ନିକଟରେ ଚାଳକମାନଙ୍କର ଚକ୍ଷୁ ଓ ଅନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା, ବିଳମ୍ବିତ ରାତିରେ ଜାତୀୟ ରାଜପଥରେ ଚାଳକଙ୍କୁ ନିଦ ନ ଆସିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ମାଗଣା ଚା’ ଯୋଗାଇବା, ବିଭିନ୍ନ ବ୍ଲାକ୍ ସ୍ପଟ୍‌ମାନଙ୍କରେ ପାଟ୍ରୋଲିଂ ବଢ଼ାଇବା, ଗୃହପାଳିତ ପ୍ରାଣୀମାନଙ୍କୁ ରାସ୍ତା ଉପରେ ନ ଛାଡ଼ିବା ପାଇଁ ରାଜପଥ ନିକଟ ଗ୍ରାମବାସୀଙ୍କୁ ସଚେତନ କରାଇବା, ସଡ଼କ ସୁରକ୍ଷାମୂଳକ ବିଭିନ୍ନ ସାଇନବୋର୍ଡ ଲଗାଇବା ତଥା ସକାଳ ଓ ସନ୍ଧ୍ୟାରେ ଚେକିଂ ତୀବ୍ର କରିବା ଆଦି ବିଷୟ ଉପରେ ନିଷ୍ପତ୍ତି ନିଆଯାଇଥିଲା। ବିଶେଷ କରି ଚିହ୍ନିତ ଦୁର୍ଘଟଣାପ୍ରବଣ ସ୍ଥାନମାନଙ୍କରେ ଦାୟିତ୍ୱ ବହନକାରୀ ସମ୍ପୃକ୍ତ ବିଭାଗ ଅଧିକ ଯତ୍ନବାନ ହେବାକୁ ଜିଲାପାଳ ବିକାଶ ନିର୍ଦ୍ଦେଶ ଦେଇଥିଲେ।

# ଶାରୀଶୁଆ ଜଳପ୍ରପାତର ଉନ୍ନତୀକରଣ ପାଇଁ ପ୍ରତିଶ୍ରୁତି ଦେଲେ ଉପମୁଖ୍ୟମନ୍ତ୍ରୀ

ଖଇରା, ୩୦।୧୨(ଉତ୍କଳବନ୍ଧୁ ପଣ୍ଡା)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରବିବାର ଅପରାହ୍ନରେ ବାଲେଶ୍ୱର ଗସ୍ତ ଅବସରରେ ସିମୁଳିଆଠାରେ ଖଇରା ସମୁଳିଆ ଜନସାଧାରଣଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଆୟୋଜିତ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଓଡିଶା ସାମ୍ବାଦିକ ୟୁନିୟନର ସଦସ୍ୟମାନେ ଖଇରା ଅଞ୍ଚଳରେ ଜନସାଧାରଣଙ୍କ ସୁବିଧା ଅସୁବିଧା ତଥା ଖବରଦାତାଙ୍କ ସମସ୍ୟା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧିକାଂଶ ମହିଳାଙ୍କ ନାମରେ ଜମି ନ ଥିବା ବେଳେ ସେମାନଙ୍କର ୫ ଏକର ଜମି ଥିବା ଦର୍ଶାଇ ସୁଭଦ୍ରା ଯୋଜନାରୁ ନାମ ତାଲିକାରୁ ବାଦ୍ କରାଯିବା, ଶାରୀଶୁଆ ଜଳପ୍ରପାତର ଉନ୍ନତୀକରଣ ପାଇଁ ପର୍ଯ୍ୟଟନ ବିଭାଗ ମାଧ୍ୟମରେ ସ୍ୱତନ୍ତ୍ର ରୋଡମ୍ୟାପ ପ୍ରସ୍ତୁତ କରିବା, ବହୁ ଚାଷୀଙ୍କର ଧାନ ଟୋକନ ଏ ପର୍ଯ୍ୟନ୍ତ ନ ଆସିବା, ମିଲରମାନେ ସମିତିକୁ ଧାନ କିଣିବାକୁ ନ ଆସି ସିଧାସଳଖ ମିଲରେ ଧାନ ପକାଇବାକୁ ଚାଷୀଙ୍କ ଉପରେ ଚାପ ପକାଇବା ବିଷୟ ଉପମୁଖ୍ୟମନ୍ତ୍ରୀଙ୍କ ଆଗରେ ଉତ୍ଥାପନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡା ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଅବସରରେ ଶାରୀଶୁଆ ପାହାଡରେ ଥିବା ଜଳପ୍ରପାତକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାବ୍ୟତୀତ ସାମ୍ବାଦିକ ସୁରକ୍ଷା ଆଇନ ଓ ସାମ୍ବାଦିକ ପେନସନ ଯୋଜନା ତୁରନ୍ତ ଲାଗୁ କରିବାକୁ ସଂଘର ସଦସ୍ୟମାନେ ଦାବି କରିଥିଲେ। ଏହା ରାଜ୍ୟ ସରକାରଙ୍କ ବିଚାରାଧୀନ ଥିବା ବିଷୟ ପ୍ରକାଶ କରିଥିଲେ। ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡା, ଯୁବନେତା ନିଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ସିମୁଳିଆଠାରେ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ଇମାମି ପକ୍ଷରୁ ମେଗା ସ୍ୱାସ୍ଥ୍ୟମେଳା

ବାଲେଶ୍ୱର, ୩୦।୧୨(ବାଞ୍ଛାନିଧି ଦେ)


ସ୍ୱାସ୍ଥ୍ୟ ମେଳାରେ ଡାକ୍ତରଙ୍କ ସହ ଇମାମୀର ଅଧିକାରୀ।

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀ ପେପର ମିଲ୍‌ସ ପକ୍ଷରୁ ଶ୍ରଦ୍ଧାମଣି ଉଦୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ଶୁଭେନ୍ଦୁ ମଡୁଆଲ, ଭେଷଜ ବିଶେଷଜ୍ଞ ଡା. ଆଶିଷ ଜୈନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଶିବାନନ୍ଦ ରଥ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡ. କୁଞ୍ଜବିହାରୀ ସିଂ ଯୋଗଦାନ କରି ରୋଗୀମାନଙ୍କୁ ଚିକିତ୍ସା ସେବା ପ୍ରଦାନ କରିଥିଲେ। ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଫାର୍ମାସିଷ୍ଟ ତପନ କୁମାର ମହାପାତ୍ର, ସହଯୋଗୀ ଚିତ୍ତରଞ୍ଜନ ଘଡ଼େଇ, ଇମାମୀ ପେପର ମିଲ୍‌ସର ବରିଷ୍ଠ ଫାର୍ମାସିଷ୍ଟ ଅକ୍ଷୟ କିଶୋର ଦାସ ଓ ରମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଔଷଧ ପ୍ରଦାନ କରିଥିଲେ।

ଇମାମୀ ପେପର ମିଲ୍‌ସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଇମାମୀର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ତଥା ମାନବ ସମ୍ବଳ ବିଭାଗର ଅତିରିକ୍ତ ପରିଚାଳକ ମନୋଜ କୁମାର ପାଢ଼ୀ, ବରିଷ୍ଠ ମ୍ୟାନେଜର (ସୁରକ୍ଷା) ରଣଜିତ୍ କୁମାର ଦାସ, ଆୟୁଷ ବିଭାଗ ଡା. ପ୍ରଦୀପ କୁମାର ଜେନା, ସ୍ଥାନୀୟ ରେମୁଣା ବ୍ଲକ୍ ଭାଇସ୍ ଚେୟାରମ୍ୟାନ୍ ସୁମତୀ ବେହେରା, ସରପଞ୍ଚ ସମଲେଶ୍ୱରୀ ଜେନା, ରୂପେଶ କୁମାର ଜେନା, ପ୍ରଧାନ ଶିକ୍ଷୟିତ୍ରୀ ମୀନତି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋଟ ୧୦୧ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଥିଲା।

# ବାର୍ଷିକ ଉତ୍ସବ, କଳାମେଳା ଉଦ୍‌ଯାପିତ

ବାଲେଶ୍ୱର, ୩୦।୧୨ (ବାଞ୍ଛାନିଧି ଦେ)

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ୩ ଦିନ ବ୍ୟାପୀ ଅନୁଷ୍ଠିତ ବାର୍ଷିକ ଉତ୍ସବ ଏବଂ କଳାମେଳା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇଟିଆର୍ ଉପନିର୍ଦ୍ଦେଶକ ନିଳାଦ୍ରୀ ରାୟ ଯୋଗଦେଇ ଚିତ୍ରକଳା ସହିତ ବିଜ୍ଞାନର ସମ୍ପର୍କ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଚିତ୍ରଶିଳ୍ପୀ ଶଶଧର ପତି ଯୋଗଦେଇ କଳାର ବିଭିନ୍ନ ଦିଗ ଓ ସୌନ୍ଦର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କବି ପ୍ରଶାନ୍ତ ଦାସ, ପ୍ରଫେସର ସ୍ୱପନ କୁମାର ଜେନା ଓ ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ଦାସ ଯୋଗଦେଇ ଚିତ୍ରଗୁଡ଼ିକର ବିଷୟବସ୍ତୁ ସାମାଜିକ ସ୍ତରରେ ଏକ ନୂତନ ବିପ୍ଳବ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଡ. ପଙ୍କଜ କୁମାର ଯେନା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ବାର୍ଷିକ ବିବରଣୀ ପଠନ କରିଥିଲେ। ଅଧ୍ୟାପକ ବିରଞ୍ଚି ପାଢ଼ୀ ଧନ୍ୟବାଦ କରିଥିଲେ।

# କସ୍ତୁରୀ ସାହିତ୍ୟ ସଂସଦ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

ସିମୁଳିଆ, ୩୦।୧୨(ସନ୍ତୋଷ ନାୟକ)

ଭ୍ରାମ୍ୟମାଣ ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ କସ୍ତୁରୀ ସାହିତ୍ୟ ସଂସଦ ଦ୍ୱାରା ସିମୁଳିଆ ବ୍ଲକ ବାଲିଖଣ୍ଡ ପିଠାଖିଆପଦାରେ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଝୋଟି, ରଙ୍ଗୋଲି, ପ୍ରଶ୍ନୋତ୍ତର, ମ୍ୟୁଜିକ ଚେୟାର, ଶଙ୍ଖବାଦନ ଓ ବରିଷ୍ଠମାନଙ୍କ ଦ୍ୱାରା କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହେରା, ବଙ୍କବିହାରୀ ରାଉତ, ପଦ୍ମଲୋଚନ ଦାଶ, ନୟନା ଦାସ, ବିକାଶ କୁମାର ଶତପଥି, ଶ୍ୟାମସୁନ୍ଦର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ବାଲିଖଣ୍ଡ ଅଞ୍ଚଳର ବୃକ୍ଷ ମାନବ ରୂପେ ପରିଚିତ ଗଙ୍ଗାଧର ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳରେ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ମଧ୍ୟରେ ସାହିତ୍ୟ ଓ ସଂସ୍କୃତିର ଭାବଧାରା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଗଙ୍ଗାଧର ରାଉଳ ସୂଚନା ଦେଇଥିଲେ। କୃତୀ ବିଜେତାମାନଙ୍କୁ ଭଗବତ ଗୀତା ଓ ଆଧାତ୍ମିକ ପୁସ୍ତକ ବଣ୍ଟନ କରାଯାଇଥିଲା।



କବି ଗଙ୍ଗାଧର ରାଉଳଙ୍କ ଦ୍ୱାରା କବିତା ପାଠ କରାଯାଉଛି।

# ବୈଠକରୁ ଉଠି ପଳାଇଲେ ଅଭିଭାବକ

## ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଗଠନ ବିବାଦ

ଆନନ୍ଦପୁର,୩୦।୧୨(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଜଳସୁଆଁ ପଞ୍ଚାୟତ ଜଳସୁଆଁ ଗ୍ରାମର ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଗଠନ ବିବାଦ ଧମିବାରେ ନା ଧରୁନି। ଆନନ୍ଦପୁରର ପୂର୍ବତନ ବିଧାୟକ ଭାଗୀରଥି ସେଠୀ ଏଥିରେ ଅସହଯୋଗ କରୁଥିବା ଅଭିଯୋଗ ହେଉଥିଲା। ଏବେ ବର୍ତ୍ତମାନର ବିଧାୟକ ଅଭିମନ୍ୟୁ ସେଠୀଙ୍କ ପ୍ରତିନିଧି ଚୟନ ହୋଇ ନ ଥିବାରୁ କମିଟି ଗଠନ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାରେ ବସିଥିବା ବୈଠକରୁ ଅଭିଭାବକ ଓ ଗ୍ରାମବାସୀ ଉଠି ପଳାଇଥିଲେ।

ସୂଚନା ଅନୁଯାୟୀ, ଦୀର୍ଘ ୫ ବର୍ଷ ଧରି ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ହୋଇପାରୁନାହିଁ। ଜିଲା ଶିକ୍ଷା ଅଧିକାରିଣୀ ଗୌରିରାଣୀ ନାଏକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ବିଦ୍ୟାଳୟ ସଭା ଗୃହରେ ପରିଚାଳନା କମିଟି ଗଠନ ନିମନ୍ତେ ବୈଠକ ହୋଇଥିଲା। ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତି ମାଝୀ, ସମିତି ସଭ୍ୟ ସନ୍ଧ୍ୟାରାଣୀ ବିଶ୍ୱାଳ, ଅଭିଭାବକଙ୍କ ସମେତ ଗ୍ରାମର ଶତାଧିକ ଭଦ୍ରବ୍ୟକ୍ତି ଉପସ୍ଥିତି ଥିଲେ। ବୈଠକ ଆରମ୍ଭ ପୂର୍ବରୁ ବିଧାୟକଙ୍କ ପ୍ରତିନିଧି କିଏ ବୋଲି ଗ୍ରାମବାସୀ ଓ ଅଭିଭାବକ ପ୍ରଶ୍ନ କରିଥିଲେ। ପ୍ରଧାନଶିକ୍ଷକ ପ୍ରତିନିଧି କାହାକୁ ଦିଆଯାଇ ନ ଥିବା କହିଥିଲେ। ତେବେ ପ୍ରତିନିଧି କେହି ନ ଥିବାରୁ ସମସ୍ତେ ଅସନ୍ତୋଷ ପ୍ରକାଶ କରି ସଭାଗୃହ ଛାଡ଼ି ଚାଲି ଯାଇଥିଲେ। ଘଟଣା ବିଷୟରେ ପ୍ରଧାନଶିକ୍ଷକ ଜିଲା ଶିକ୍ଷା ଅଧିକାରିଣୀଙ୍କୁ ଜଣାଇବା ପରେ ସେ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀଙ୍କୁ ଲିଖିତ ଜଣାଇବାକୁ ପରାମର୍ଶ ଦେଇଥିଲେ। ପରେ ପ୍ରଧାନଶିକ୍ଷକ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ଉପ ଜିଲାପାଳ କହିଛନ୍ତି, ସେ ବିଧାୟକଙ୍କ ସହିତ କଥା ହୋଇଥିଲେ। ବିଧାୟକ ଭୁବନେଶ୍ୱରରେ ଅଛନ୍ତି। ମଙ୍ଗଳବାର ପହଞ୍ଚି ପ୍ରତିନିଧି ଦେବେ ବୋଲି କହିଛନ୍ତି। ଜିଲା ଶିକ୍ଷାଧିକାରିଣୀଙ୍କ ସହିତ ମଧ କଥା ହୋଇଛନ୍ତି। ମଙ୍ଗଳବାର କମିଟି ଗଠନ ନେଇ ମଧ ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

# ଗୋପାଳପୁର ଏକାଦଶ ବିଜୟୀ

## ଶ୍ୟାମନଗର ଆଦିବାସୀ କ୍ଲବ ଫୁଟ୍‌ବଲ ଟୁର୍ନାମେଣ୍ଟ

ଜଳେଶ୍ୱର, ୩୦।୧୨(ରବିନାରାୟଣ ପାତ୍ର): ଜଳେଶ୍ୱର ବ୍ଲକ ଅଧୀନ ଶ୍ୟାମନଗର ପଞ୍ଚାୟତ ରଘୁନାଥପୁର, ଗରୁଡବସା ଗ୍ରାମର ଆଦିବାସୀ ଯୁବକମାନଙ୍କୁ ନେଇ ଗଠିକ ଡ୍ରାମାଟିକ୍ କ୍ଲବ ଆନୁକୂଲ୍ୟରେ ଏକ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୨ଦିନିଆ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ଓ ପଶ୍ଚିମବଙ୍ଗର ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ରବିବାର ଫାଇନାଲ ଖେଳରେ ପଶ୍ଚିମ ମେଦିନୀପୁର ଜିଲାର ଗୋପାଳପୁର ଟିମ୍ ଓଡିଶାର ଡେମ୍ବୁରବଣି ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳପୁର ଏକାଦଶ ଡେମ୍ବୁରବଣୀ ଏକାଦଶକୁ ହରାଇ ବିଜେତା ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ମନୋଜ ସାସମଲ ଯୋଗଦେଇ ବିଜେତା ଓ ରନର୍ସଅପ୍ ଟିମ୍‌କୁ ସିଲ୍ ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ବସନ୍ତ ହାଁସଦା, ଚନ୍ଦ୍ରମୋହନ ହାଁସଦା, କରନ ହେମ୍ବ୍ରମ, ଗଙ୍ଗାରାମ ହେମ୍ବ୍ରମ, ସାମଲ ମୁର୍ମୁ, ଲକ୍ଷ୍ମଣ ମୁର୍ମୁ, ସୁପାଇଁ ହେମ୍ବ୍ରମ, ଜୟରାମ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଦୁର୍ଦ୍ଦିନରେ କ୍ରଶର, ଟ୍ରକ୍ ମାଲିକ

ଖଣି ଖାଦାନ ଚାଲୁ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ

ନୀଳଗିରି, ୩୦।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ମିତ୍ରପୁର ଅଞ୍ଚଳରେ ଦୀର୍ଘବର୍ଷ ଧରି ଖଣି ଖାଦାନ ବନ୍ଦ ରହିଛି। ଫଳରେ ଏହି ଅଞ୍ଚଳରେ ଆର୍ଥିକ ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ଏପରିକି କ୍ରଶର, ଟ୍ରକ ମାଲିକମାନେ ଦୁର୍ଦ୍ଦିନରେ ରହିଥିବା ନେଇ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଟ୍ରକ ମାଲିକ ସଂଘ, ବାଲେଶ୍ୱର କ୍ରଶର ମାଲିକ ସଂଘ ଓ ମିତ୍ରପୁର ବଜାର କମିଟି ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଖଣି ଖାଦାନ, କ୍ରଶର ୟୁନିଟ୍, ବାଲି ଖାଦାନ ପ୍ରମୁଖ ବର୍ଷ ବର୍ଷ ଧରି ବନ୍ଦ ରହିବା ଯୋଗୁ ଆର୍ଥିକ ମାନଦଣ୍ଡ ଦୋହଲି ଯାଇଥିବା ବେଳେ ସ୍ଥାନୀୟ ଦୋକାନୀଙ୍କର ବ୍ୟବସାୟ କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଦେଇଛି। ଏପରିକି ଅନେକ ଲୋକ ନିଜର ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯାଉଛନ୍ତି। ସାଧାରଣ ଗରିବ, ଦିନ ମଜୁରିଆଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ତଥା କ୍ରଶର ଓ ଗାଡ଼ି ମାଲିକଙ୍କ ଆର୍ଥିକ ସ୍ୱଚ୍ଛଳ ନିମନ୍ତେ ଖଣି ଖାଦାନ ଚାଲୁ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖଣିଖାଦାନ ଚାଲୁ ପାଇଁ ଅନୁମତି ଦେଲେ ଅଞ୍ଚଳବାସୀଙ୍କ ଦୁଃଖ ଦୂର ହୋଇପାରିବ ବୋଲି ଜିଲା ପରିଷଦ ଗତିକୃଷ ନନ୍ଦ, ଅଗଣି ସାହୁ, ମିତ୍ରପୁର ଟ୍ରକ ମାଲିକ ସଂଘ ସମ୍ପାଦକ ଭଗବାନ ଦାସ, ବଜାର କମିଟି ସଭାପତି ସଞ୍ଜୟ ମହାପାତ୍ର ଓ ନିରଞ୍ଜନ ଲେଙ୍କା ପ୍ରମୁଖ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# ରେଳ ସାଇଡିଂରେ ଗ୍ରାମବାସୀଙ୍କ ଧାରଣା

## ନିଯୁକ୍ତି, ଗ୍ରାମର ବିକାଶ ଆଦି ଦାବି

ବଡ଼ବିଲ,୩୦।୧୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ବେଲକୁଣ୍ଡିସ୍ଥିତ ଜୟ ବାଲାଜି ରେଳ ସାଇଡିଂରେ ସ୍ଥାନୀୟ ଗ୍ରାମବାସୀ ସୋମବାରଠାରୁ ଧାରଣା ଦେଇଛନ୍ତି। ପୂର୍ବପରି ରେଳ ସାଇଡିଂରେ ନିଯୁକ୍ତି, ପରିବହନ, ଲୋଡ଼ିଂ ଅନ୍‌ଲୋଡିଂ ଓ ଗ୍ରାମର ବିକାଶ ଆଦି ଦାବି କରାଯାଇଛି। ଦାବିପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବେଲକୁଣ୍ଡିଠାରେ ଘରୋଇ ରେଳ ସାଇଡ଼ିଂ ନିର୍ମାଣ ନିମନ୍ତେ ଜୟ ବାଲାଜୀ ନାମକ କମ୍ପାନୀ ସ୍ଥାନୀୟ ଲୋକଙ୍କଠାରୁ ଜମି କ୍ରୟ କରିଥିଲା। ସେ ସମୟରେ ଗ୍ରାମବାସୀଙ୍କୁ ରେଳ ସାଇଡିଂରେ ନିଯୁକ୍ତି, ପରିବହନ, ଲୋଡ଼ିଂ ଅନ୍‌ଲୋଡିଂ ଓ ଗ୍ରାମର ବିକାଶ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇ ପାଳନ କରିଥିଲା। କିଛି ଦିନ ରେଳ ସାଇଡ଼ିଂ କାର୍ଯ୍ୟ ଚାଲିଥିଲେ ହେଁ କୌଣସି କାରଣ ବଶତଃ ରେଳ ସାଇଡ଼ିଂ ବନ୍ଦ ହୋଇଯାଇଥିଲା। ଫଳରେ ଜମିହରା ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ହେଁ କାର୍ଯ୍ୟ ବନ୍ଦ ଥିବାରୁ ଚୁପ୍ ରହିଥିଲେ। ଦୀର୍ଘ ବର୍ଷ ପରେ ପୁଣି ରେଳ ସାଇଡ଼ିଂରେ କାର୍ଯ୍ୟ ଚାଲୁ ହୋଇଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ଅଣଦେଖା କରୁଛନ୍ତି। ଏ ନେଇ ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ। ନଭେମ୍ବରରେ ସ୍ଥାନୀୟ ପୋଲିସ ପ୍ରଶାସନର ଉପସ୍ଥିତିରେ ଗ୍ରାମବାସୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇ କମ୍ପାନୀ ଦାବିପୂରଣ ପାଇଁ ୩ ଦିନ ସମୟ ନେଇଥିଲା। ଇତି ମଧ୍ୟରେ ଏକ ମାସ ବିତିଯାଇଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ ଦାବିପୂରଣ ନେଇ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମବାସୀ ଧାରଣାରେ ବସିଥିବା କହିଛନ୍ତି। ଗ୍ରାମବାସୀଙ୍କ ଅନ୍ୟାନ୍ୟ ଦାବିଗୁଡ଼ିକ ମଧ୍ୟରେ ସ୍କୁଲ ସାମଗ୍ରୀ ଯୋଗାଣ, ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା, ସ୍କୁଲର ଉନ୍ନତିକରଣ, ଗ୍ରାମ୍ୟ ରାସ୍ତାର ପୁନଃ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆଦି ରହିଛି।

# ମୟୂରଭଞ୍ଜ ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣାଣି କରୁଛନ୍ତି।

ଠାକୁରମୁଣ୍ଡା,୩୦।୧୨(ତାରାକାନ୍ତ ପଟ୍ଟନାୟକ): ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ସୋମବାର ଠାକୁରମୁଣ୍ଡା ବ୍ଲକରେ ଅଭିଯୋଗ ଶୁଣାଣି କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ସଭାଗୃହରେ ଜିଲାପାଳ ଅଭିଯୋଗ ଶୁଣାଣି କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ପି ବରୁଣ ଗୁଣ୍ଟୁପାଲି, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ଉପଜିଲାପାଳ ପ୍ରେମାନନ୍ଦ ଚାନ୍ଦ, ପିଏ ଆଇଟିଡିଏ ପ୍ରବୀଣ କୁମାର ବାଣୁଆ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ଉପସ୍ଥିତ ଥିଲେ। ମୋଟ ୯୩ଟି ଅଭିଯୋଗ ଆସିଥିବା ବେଳେ ୬୦ଟି ବ୍ୟକ୍ତିଗତ ଓ ୩୩ଟି ସାମୂହିକ ଅଭିଯୋଗ ଥିଲା। ପୂର୍ବରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଉପଖଣ୍ଡ ସ୍ତରରେ ହେଉଥିବା କାରଣରୁ ଅନେକ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଭାଗ ନେଇ ପାରୁ ନ ଥିଲେ। ସୋମବାର ବ୍ଲକସ୍ତରରେ ଆୟୋଜନ ହୋଇଥିବା କାରଣରୁ ଅନେକ ଜନ ସାଧାରଣ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଜିଲାପାଳଙ୍କୁ ଜଣାଇ ପାରିଥିଲେ। କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସୁଶ୍ରୀ ସୁପ୍ରିୟା, ଏସ୍‌ଡିପିଓ ସୁବ୍ରତ କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ନକଲି ଡାକ୍ତରଙ୍କ ଭରସାରେ ଚିକିତ୍ସା ସେବା

ବୈଶିଙ୍ଗା,୩୦।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ବେତନଟୀ ଓ ବୈଶିଙ୍ଗା ଅଞ୍ଚଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ଦିନ କୁ ଦିନ ବଢ଼ିଚାଲିଛି। ସରକାରୀ ଭାଷାରେ କ୍ୱାକ କୁହାଯାଉଥିବା ଏହି ଅର୍ଦ୍ଧ ଶିକ୍ଷିତ ଗ୍ରାମ୍ୟ ଚିକିତ୍ସକମାନଙ୍କ ନିକଟରେ ବନ୍ଧା ପଡ଼ିଛି ରୋଗୀଙ୍କ ଭାଗ୍ୟ। ଅଧିକାଂଶ ଗାଁରେ ସକାଳେ ଓ ସନ୍ଧ୍ୟା ସମୟରେ ବିଧିବଦ୍ଧ ଭାବେ କ୍ଲିନିକ ଖୋଲି ଏହି ନକଲି ଡାକ୍ତରମାନେ ରୋଗୀ ସେବା ଚଳାଇ ଆସୁଥିବା ଅଭିଯୋଗ ହେଉଛି। ମେରଦା, ସଇତପୁର, ରଘୁପୁର, ଅଁଳା, ଯୁଗଳ, ମହିଶାଶୋଳ ଆଦି ପଞ୍ଚାୟତରେ ଏଭଳି କ୍ଲିନିକ ଗୁଡିକ ଛତୁ ଫୁଟିଲା ପରି ଖୋଲିଯାଇଛି।

ପାଥୋଲଜିରେ ଡିପ୍ଲୋମା କରିଥିବା କେତେକ ଯୁବକ ବିଭିନ୍ନ ଗ୍ରାମରେ ଚିକିତ୍ସା କେନ୍ଦ୍ର ଖୋଲି ସେଠାରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମଳ, ମୂତ୍ର ଓ ରକ୍ତ ପରୀକ୍ଷା କରି ତଦନୁଯାୟୀ ଟାବଲେଟ ଓ ଇଞ୍ଜେକସନ ମଧ ଦେଇ ଥାଆନ୍ତି। ରୋଗୀ ପ୍ରତି ୫୦୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିବା ଅଭିଯୋଗ ହେଉଛି। ଆଉ କିଛି ସ୍ଥାନରେ ମାଟ୍ରିକ ଫେଲ ଯୁବକଙ୍କ ଦ୍ୱାରା କ୍ଲିନିକ ଖୋଲି ସେଠାରେ ମହିଳାଙ୍କ ଗର୍ଭଧାରଣ ସ୍ଥିତି ଯାଞ୍ଚ କରିବା ଏବଂ ଆବଶ୍ୟକ ସ୍ଥଳେ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଇ ଗର୍ଭପାତ କରାଯାଉଥିବା ନେଇ ସୂଚନା ମିଳିଛି । କେତେକ କ୍ୱାକ ମାସକୁ ୨୫ ହଜାରରୁ ନେଇ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଇଞ୍ଜେକସନ , ସାଲାଇନ , ଗଜକନା , ତୁଳା , ମଲମ , ଆଣ୍ଟିବାୟୋଟିକ ଓ ଷ୍ଟେରୋଏଡ ଭଳି ମେଡିସିନ ଦୋକାନ ମାନଙ୍କରୁ କ୍ରୟ କରି ରୋଗୀମାନଙ୍କୁ ଚଢ଼ା ଦରରେ ବିକ୍ରି କରିଥାଆନ୍ତି। ଏ ସମ୍ପର୍କରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ସିପୁନ କୁମାର ପଣ୍ଡାଙ୍କୁ ପଚାରିବାରୁ ଗ୍ରାମାଞ୍ଚଳରେ ଅନୈତିକ ଉପାୟରେ ଚିକିତ୍ସା କରାଯାଉଥିବା ଅଭିଯୋଗ ଆସୁଥିଲେ ହେଁ ଏମାନଙ୍କୁ ନିୟନ୍ତ୍ରଣ କରିବା ଆମ ଦାୟିତ୍ୱ ନୁହେଁ। ଡ୍ରଗ କଣ୍ଟ୍ରୋଲ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହାକୁ ରୋକା ଯାଇପାରିବ ବୋଲି ସେ କହିଛନ୍ତି।

